


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୨ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 September 2026

Vol.No. 36 ■ No.240 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ବ୍ରିକ୍ସ ସମ୍ମିଳନୀରେ ଭାରତ-ଋଷ ସମ୍ପର୍କର ନୂଆ ଅଧ୍ୟାୟ:

## ମୋଦୀ-ପୁଟିନ ବୈଠକରେ ରାଜନୈତିକ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୧୧/୯ : ଭାରତ ଏବଂ ଋଷ ମଧ୍ୟରେ ଅର୍ଥନୈତିକ ତଥା ରଣନୈତିକ ସହଭାଗିତାକୁ ନୂଆ ଶିଖରରେ ପହଞ୍ଚାଇବା ପାଇଁ ପ୍ରସ୍ତୁତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକରେ ବାଣିଜ୍ୟ, ଶିଳ୍ପ, ଶକ୍ତି ଏବଂ ମାନବ ସମ୍ବଳ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ବିଶେଷ କରି ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପାରମ୍ପରିକ ସମ୍ପର୍କରୁ ଆଗକୁ ବଢ଼ି ବ୍ୟାପକ ଆର୍ଥିକ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି ନୂଆଦିଲ୍ଲୀ ଓ ମସ୍କୋ । ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ ସହିତ ଶିଳ୍ପ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି




ଯୋଜନା। ଭାରତରେ ଆୟୋଜିତ ହେଉଥିବା 'ଇନୋପ୍ରୋମ୍' ମାଧ୍ୟମରେ ଉଭୟ ଦେଶ ମଧ୍ୟରେ ବ୍ୟବସାୟ-ଟୁ-ବ୍ୟବସାୟ ସୁଯୋଗ ବଢ଼ାଇବା ସହ ରେଳବାଇ, ଟନେଲିଂ ଏବଂ ଷ୍ଟିଲ୍ ଭାଲ୍ୟୁ ଚେନ୍ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କେବଳ ଶିଳ୍ପ ନୁହେଁ, ବେସାମରିକ ପରମାଣୁ ସହଯୋଗ ଅଧୀନରେ ଇନ୍ଧନ ଚକ୍ର ଓ ଲାଇଫ୍-ସାଇକଲ୍ ସପୋର୍ଟକୁ ସୁଦୃଢ଼ କରିବା ପାଇଁ ଉଭୟ ନେତା ଆଲୋଚନା କରିଛନ୍ତି । ଅନ୍ୟପଟେ ଋଷିଆରେ ଭାରତୀୟ କୁଶଳୀ ଶ୍ରମିକମାନଙ୍କ ପାଇଁ ନୂଆ କର୍ମସଂସ୍ଥାନ ଏବଂ ମୋବିଲିଟି ସୁଯୋଗ ସୃଷ୍ଟି କରିବା ଏହି ବୈଠକର ଅନ୍ୟତମ ବଡ଼ ଏଜେଣ୍ଡା । ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏବଂ ସାର କ୍ଷେତ୍ରରେ ମିଳିତ ଉଦ୍ୟୋଗ ଗଠନ ଉପରେ ମଧ୍ୟ ଆଲୋଚନା ହୋଇଛି ।

ଭିଓ- ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀ ଅବସରରେ ଦେଖିବାକୁ ମିଳିଛି ଭାରତୀୟ ସଂସ୍କୃତି ଓ କୂଟନୀତିର ଏକ ଅନନ୍ୟ ଝଲକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ପ୍ରାଚୀନ ତାମିଲ କ୍ଲାସିକ୍ ଗ୍ରନ୍ଥ 'ଥିରୁକ୍କୁରାଲ୍'ର ଏକ ଋଷୀୟ ଅନୁବାଦ ପୁସ୍ତକ ଉପହାର ଦେଇଛନ୍ତି । ତାମିଲ କବି ତଥା ମହାନ ଦାର୍ଶନିକ ଥିରୁଭାଲ୍ଲୁଭରଙ୍କ ଦ୍ୱାରା ରଚିତ ଏହି ଅମୂଲ୍ୟ ଗ୍ରନ୍ଥର ନୂତନ ସଂସ୍କରଣକୁ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ୍ ତାମିଲ୍ ପକ୍ଷରୁ ପ୍ରକାଶ କରାଯାଇଛି। ଖ୍ରୀଷ୍ଟପୂର୍ବ ୩୦୦ ରୁ ଖ୍ରୀଷ୍ଟାବ୍ଦ ୫୦୦ ମଧ୍ୟରେ ରଚିତ ଏହି ଗ୍ରନ୍ଥ ତାମିଲ ସଙ୍ଗମ ସାହିତ୍ୟର ଏକ ଶ୍ରେଷ୍ଠ ନୀତିଶାସ୍ତ୍ର ଭାବେ ପରିଚିତ, ଯେଉଁଥିରେ ଜୀବନ, ମୃତ୍ୟୁ ଓ ସାମାଜିକ ମୂଲ୍ୟବୋଧର ଗଭୀର ବାର୍ତ୍ତା ରହିଛି । ବିଶେଷ କଥା ହେଉଛି, ୧୭ଶ ଶତାବ୍ଦୀରୁ ଭାରତୀୟ ଦର୍ଶନ ଋଷିଆର କବି ଓ ଲେଖକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଆସିଛି।

# ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ: ଗ୍ରାହକ ହନ୍ତସନ୍ତ, ଅର୍ଥନୀତି ପ୍ରଭାବିତ




ଭୁବନେଶ୍ୱର, ୧୧/୯ (ନି.ପ୍ର): ବ୍ୟାଙ୍କ କାମ ବାକି ରଖିଛନ୍ତି କି? ଯଦି ରଖିଛନ୍ତି ତାହେଲେ ଅଡୁଆରେ ପଡ଼ିପାରନ୍ତି। କାରଣ ଆଜିକୁ ମିଶାଇ ୫ଦିନ ପର୍ଯ୍ୟନ୍ତ ଖୋଲିବନି ବ୍ୟାଙ୍କ। ଠପ୍ ହୋଇଯିବ ବ୍ୟାଙ୍କିଙ୍ଗ୍ ସେବା।ଆଜି ବିଭିନ୍ନ ଦାବି ନେଇ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଛନ୍ତି। ଏହାର ପ୍ରଭାବ ଗ୍ରାହକଙ୍କ ଉପରେ ସିଧାସଳଖ ପଡ଼ିଛି। ପାର୍ବଣବେଳେ ବ୍ୟାଙ୍କ ବନ୍ଦର ପ୍ରଭାବ ଆହୁରି ଅଧିକ ହେବା ନେଇ ଆଶଙ୍କା କରାଯାଉଛି। ପାର୍ବଣ ପାଇଁ ସଜେଇ ହେଲାଣି ଗାଁ ଠୁ ସହର। ଗଣେଶ ପୂଜା, ନୂଆଁଖାଇ ପାଇଁ ଲୋକେ କିଣାକିଣିରେ ବ୍ୟସ୍ତ। ଏତିକିବେଳେ ଅଡୁଆ ବଢ଼ାଇଛି ବ୍ୟାଙ୍କ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦିନିକିଆ ଧର୍ମଘଟ ଡାକରାରେ ବନ୍ଦ ରହିଛି ବ୍ୟାଙ୍କ୍। ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ ସ୍କିମ୍‌କୁ ନେଇ ମତଭେଦ, ପେନସନ୍ ସମେତ ଅନ୍ୟାନ୍ୟ ପିଛିଲା ଦାବି ପୂରଣ ପାଇଁ ଧର୍ମଘଟକୁ ଓହ୍ଲାଇଛନ୍ତି ବ୍ୟାଙ୍କ କର୍ମଚାରୀ। ସଂଘର ଡାକରାରେ ରାଜ୍ୟର ପ୍ରାୟ ୭୦ ହଜାର କର୍ମଚାରୀ ସାମିଲ ହେବା ପରେ ବିଗିଡି ଯାଇଛି ସ୍ଥିତି। ଯାହାଫଳରେ ପ୍ରଭାବିତ ହୋଇଛି ଅର୍ଥନୀତି ଓ ହନ୍ତସନ୍ତ ହୋଇଛନ୍ତି ଗ୍ରାହକ। ଶୁକ୍ରବାର ଧର୍ମଘଟ, ଆସନ୍ତାକାଲି ମାସର ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ। ସୋମବାର ଗଣେଶ ପୂଜା ଓ ମଙ୍ଗଳବାର ନୂଆଁଖାଇ ଛୁଟି। ଅର୍ଥାତ ଆଜିକୁ ମିଶାଇ ମୋଟ ୫ଦିନ ବ୍ୟାଙ୍କ ସେବା ବନ୍ଦ ରହିବ। ଯାହାଫଳରେ ଶାଖାରେ ଚେକ୍ କ୍ଲିୟରାନ୍ସ, ଟଙ୍କା ଜମା, ଉଠାଣ ସହ ଅନ୍ୟାନ୍ୟ ସେବା ପ୍ରଭାବିତ ହେବ। ମୁକାବିଲା ପାଇଁ ଏଟିଏମ ଗୁଡିକରେ ଟଙ୍କା ଭର୍ତ୍ତି କରାଯାଇଛି। କିନ୍ତୁ ଯେତିକି ଟଙ୍କା ଭର୍ତ୍ତି କରାଯାଇଛି ତାହା ଦିନେ ଦୁଇଦିନ ଭିତରେ ଶେଷ ହୋଇଯାଇପାରେ।

◆◆ପୃଷ୍ଠା ୭

# ଏସଟି ଏସସି ବିଭାଗର ୨ ଅଡିଟରଙ୍କୁ କାବୁ କଲା ଭିଜିଲାନ୍ସ: ୧୪ ଲକ୍ଷରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧ ଲାଞ୍ଚ ଟଙ୍କା ଜବତ



ବାରିପଦା , ୧୧/୯ (ନି.ପ୍ର): ନିର୍ଭରଯୋଗ୍ୟ ସୂଚନା ଆଧାରରେ, ତା ୧୦।୦୯।୨୦୨୬ ବିଳମ୍ବିତ ରାତିରେ ଓଡ଼ିଶା ସରକାରଙ୍କ ଏସସି ଏସଟି ଉନ୍ନୟନ ବିଭାଗର ଦୁଇଜଣ ଅଡିଟର ପ୍ରଜ୍ଞା ପ୍ରକାଶ ପାତ୍ର ଏବଂ ପ୍ରଶାନ୍ତ ପ୍ରଧାନଙ୍କୁ ଓଡ଼ିଶା ଭିଜିଲାନ୍ସ କାବୁ କରିଛି। ଅଡିଟ କାର୍ଯ୍ୟ ଶେଷ କରି ସେମାନେ ବାରିପଦା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସରକାରୀ ସ୍କର୍ପିଓ ଗାଡ଼ି ଯୋଗେ ରକ୍ସି ଲେନରେ ଥିବା ମହାପାତ୍ର ହୋଟେଲକୁ ଫେରୁଥିବା ବେଳେ ଏହି ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୫୨ଟି ଲଫାପା ଏବଂ ୨୦ଟି ଖୋଲା ବିଡ଼ାରେ ଥିବା ମୋଟ ୫ଲକ୍ଷ ୫୧ହଜାର ୫୧୦ ଟଙ୍କା (ସନ୍ଦିଗ୍ଧ ଲାଞ୍ଚ ଟଙ୍କା) ମିଳିଥିଲା। ଯାହାର କୌଣସି ସନ୍ତୋଷଜନକ ଉତ୍ତର ସେମାନେ ଦେଇପାରି ନ ଥିଲେ। ଏହାପରେ ସେମାନେ ରହୁଥିବା ହୋଟେଲ କୋଠରୀରେ ତଲାସି ନିଆଯାଇଥିଲା। ହୋଟେଲ କୋଠରୀରୁ ଆହୁରି ୮ ଲକ୍ଷ ୮୬ହଜାର ୮୩୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ବିପୁଳ ପରିମାଣର ଟଙ୍କା ସମ୍ପର୍କରେ କୌଣସି ହିସାବ ଦେଇ ନପାରିବାରୁ ସର୍ବମୋଟ ୧୪ ଲକ୍ଷ ୩୮ହଜାର ୩୪୦ ଟଙ୍କା ଭିଜିଲାନ୍ସ ଦ୍ୱାରା ଜବତ କରାଯାଇଛି। ଟଙ୍କାର ପ୍ରକୃତ ଉତ୍ସ ଜାଣିବା ପାଇଁ ବର୍ତ୍ତମାନ ସେମାନଙ୍କୁ ପଚରାଉଚରା କରାଯାଉଛି। ଏହା ସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ସେମାନଙ୍କ ସମ୍ପର୍କିତ ବିଭିନ୍ନ ଠିକଣାରେ ମଧ୍ୟ ଚଢ଼ାଉ ଆରମ୍ଭ ହୋଇଛି। ଏହି ଦୁଇ ଅଡିଟର ବାରିପଦା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ଅଡିଟ କରିବା ପାଇଁ ଗତ ୩୦ ଅଗଷ୍ଟ ୨୦୨୬ରୁ ବାରିପଦାରେ ଡେରା ପକାଇଥିଲେ। ଏହା ଅଧୀନରେ ଥିବା ବିଭିନ୍ନ ଆଶ୍ରମ, ସେବାଶ୍ରମ, ହାଇସ୍କୁଲ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏସଏସଡି ହଷ୍ଟେଲ ଗୁଡ଼ିକର ଅଡିଟ ଦାୟିତ୍ୱ ସେମାନେ ନେଇଥିଲେ। ସେମାନେ ପ୍ରଧାନଶିକ୍ଷକ ଓ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସମସ୍ତ ସ୍କୁଲ ଓ ହଷ୍ଟେଲ ରେଜିଷ୍ଟର ତଥା ଫାଇଲ ଧରି ବାରିପଦାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲ ଗୁଡ଼ିକର ଅଡିଟ ସୁରୁଖୁରୁରେ କରାଇଦେବା ପାଇଁ ପ୍ରତି ନାମଲେଖା ଥିବା ଛାତ୍ରଛାତ୍ରୀ ପିଛା ୧୦ ଟଙ୍କା ଲେଖାଏଁ ଲାଞ୍ଚ ମାଗୁଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା।

◆◆ପୃଷ୍ଠା ୭

# ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୧୧/୯ (ନି.ପ୍ର): ଆଜି ପୂର୍ବାହ୍ନରେ କମିସନରେଟ ପୋଲିସର ସମ୍ମିଳନୀ କକ୍ଷରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧକ୍ଷତାରେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କମିସନରେଟ ପୋଲିସ ଅଞ୍ଚଳରେ ବିଗତ ଦିନର ଆଇନ-ଶୃଙ୍ଖଳା ପରିସ୍ଥିତି, ବିଧାନସଭା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ଏନ୍‌ଡିପିଏସ୍ ଆଇନର କାର୍ଯ୍ୟକାରିତା, 'ନିଶାମୁକ୍ତ ଓଡ଼ିଶା




ଅଭିଯାନ', ଟ୍ରାଫିକ ସୁପରିଚାଳନା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା, ପୋଲିସ ଭିତ୍ତିଭୂମି ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଡିଜିପି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ଭାବ୍ୟ ଆନ୍ଦୋଳନ, ଧାରଣା, ଘେରାଉ ଭଳି କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ନଜର ରଖିବା ସହ ଏଥି ନିମନ୍ତେ ଆଗୁଆ ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଆଗାମୀ ତିନି ମାସ ସମୟ ପାର୍ବଣର ଋତୁ ହୋଇଥିବାରୁ ଅପରାଧ ଏବଂ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ପର୍ବପର୍ବାଣୀକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

◆◆ପୃଷ୍ଠା ୭

# ଆମ ସାଥୀ ହ୍ୱାଟ୍ସଆପ୍ ବଟ୍‌ରେ ମିଳିବ ୧୪ଟି ପୋଲିସ ସେବା

ଭୁବନେଶ୍ୱର, ୧୧/୯ (ନି.ପ୍ର): ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ। ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ। ଡିଜିପି ଶ୍ରୀ ବିନୟତୋଷ ମିଶ୍ର ଶୁକ୍ରବାର ଡିଜିପି କ୍ୟାମ୍ପ ଅଫିସ୍, ଭୁବନେଶ୍ୱରରେ ଏହି ସେବାର ଶୁଭାରମ୍ଭ କରିଛନ୍ତି।


# ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ସରଗରମ ରାଜନୀତି: ହାଇକୋର୍ଟ ଗଲା ବିଜେଡି

ଭୁବନେଶ୍ୱର, ୧୧/୯ (ନି.ପ୍ର): ରାଜ୍ୟସଭା କ୍ରସ୍ ଭୋଟିଂ ପ୍ରସଙ୍ଗକୁ ନେଇ ସରଗରମ ରାଜ୍ୟ ରାଜନୀତି। ନିଲମ୍ବିତ ବିଧାୟକଙ୍କୁ ପୁଣି ଥରେ ଦଳକୁ ଫେରାଇ ଆଣିବା ପାଇଁ ଭିତିରି ଆଲୋଚନା ଚାଲିଥିବା ଚର୍ଚ୍ଚା ଭିତରେ, ଆଇନଗତ କାର୍ଯ୍ୟାନୁଷ୍ଠାନର କଥା ଦୋହରାଇଛି ବିଜେଡି। ବାଚସ୍ପତିଙ୍କ ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ ଦେବାକୁ ଘୋଷଣା କରିଛି ବିଜୁ ଜନତା ଦଳ। ସେପଟେ ବିଜେପି କହିଛି ରାଜ୍ୟସଭା ନିର୍ବାଚନ ପାଇଁ ଲାଗେନି ଦଳୀୟ ହୁଇପ୍। ବିବେକାନୁମୋଦିତ ଭୋଟେ ଦେଇ ପାରିବେ ଯେକୌଣସି ବିଧାୟକ। ମୌସୁମୀ ଅଧିବେଶନ ପୂର୍ବରୁ ପୁଣି ଥରେ ଚର୍ଚ୍ଚାକୁ ଫେରିଛି ରାଜ୍ୟସଭା ନିର୍ବାଚନ କ୍ରସ ଭୋଟିଂ ପ୍ରସଙ୍ଗ। ଗତ ମାର୍ଚ୍ଚ ୧୬ ତାରିଖରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ୮ ବିଧାୟକଙ୍କ ବିରୋଧରେ ଏବେ ହାଇକୋର୍ଟ ଯିବ ବିଜେଡି। ସେମାନଙ୍କ ବିଧାୟକ ପଦ ରଦ୍ଦ କରିବାକୁ ପ୍ରଥମେ ବିଜେଡି ବାଚସ୍ପତିଙ୍କ ନିକଟରେ ଫେରାଦ ହୋଇଥିଲା। ହେଲେ ଟେକ୍ନିକାଲ ଗ୍ରାଉଣ୍ଡ ଦେଖାଇ ବାଚସ୍ପତି

◆◆ପୃଷ୍ଠା ୭

# ଦକ୍ଷିଣ ବିଶ୍ୱର ସହଯୋଗ ବଢ଼ାଇବାକୁ ଆହ୍ୱାନ ଦେଲେ ଜିନ୍‌ପିଙ୍ଗ


ନୂଆଦିଲ୍ଲୀ,୧୧/୯ : ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପୂର୍ବରୁ ଦକ୍ଷିଣ ବିଶ୍ୱ (ଗ୍ଲୋବାଲ ସାଉଥ୍)ର ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ବହୁପକ୍ଷୀୟ ସହଯୋଗକୁ ମଜବୁତ କରିବା ଏବଂ ବିକାଶଶୀଳ ଦେଶଗୁଡ଼ିକର ଅଧିକାର ଓ ସ୍ୱାର୍ଥକୁ ସୁଦୃଢ଼ କରିବା ଦିଗରେ ବ୍ରିକ୍ସ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି। ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ୭ ବର୍ଷ ପରେ ହେଉଛି। ନୂଆଦିଲ୍ଲୀରେ ସେ ବ୍ରିକ୍ସ ନେତାଙ୍କ ସହ ବୈଠକରେ



ଯୋଗଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଗସ୍ତକୁ ନେଇ ଭାରତ-ଚୀନ୍ ସମ୍ପର୍କରେ ନିକଟରେ ଦେଖାଦେଇଥିବା ସୁଧାରକୁ ଆହୁରି ଆଗକୁ ନେବା ଉପରେ ନଜର ରହିଛି। ଚୀନ୍ ରାଷ୍ଟ୍ରପତିଙ୍କ ମତରେ, ବ୍ରିକ୍ସର ବିସ୍ତାର ଦ୍ୱାରା ଦକ୍ଷିଣ ବିଶ୍ୱର ପ୍ରତିନିଧିତ୍ୱ ଆହୁରି ବଢ଼ିଛି। ଆର୍ଥିକ ବିକାଶ, ବାଣିଜ୍ୟ, ପ୍ରଯୁକ୍ତି, ଉର୍ଜା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଚୀନ୍ ଜୋର ଦେଉଛି। ବ୍ରିକ୍ସ ଏବେ ୧୧ଟି ଦେଶର ଗୋଷ୍ଠୀ ହୋଇଥିବାରୁ ବିଶ୍ୱ ଅର୍ଥନୀତି ଓ ରାଜନୀତିରେ ଏହାର ପ୍ରଭାବ ମଧ୍ୟ ବଢ଼ିଛି। ଏହି ଦେଶଗୁଡ଼ିକ ମିଳିତ ଭାବେ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥର ବ୍ରିକ୍ସ ସମ୍ମିଳନୀରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସମେତ ଅନ୍ୟ ନେତାମାନେ ଯୋଗ ଦେଉଛନ୍ତି। ବିଶ୍ୱରେ ଚାଲିଥିବା ଯୁଦ୍ଧ, ବାଣିଜ୍ୟିକ ଓ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଏକତା ରକ୍ଷା କରିବା ଏଥରର ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଭାରତ ଏହି ସମ୍ମିଳନୀର ଆୟୋଜକ ଭାବେ ବ୍ରିକ୍ସ ମାଧ୍ୟମରେ ଦକ୍ଷିଣ ବିଶ୍ୱର ଦେଶଗୁଡ଼ିକ ସହିତ ସହଯୋଗ ବଢ଼ାଇବା ସହ ଆର୍ଥିକ ଓ ରଣନୈତିକ ପ୍ରସଙ୍ଗରେ ନିଜ ଭୂମିକାକୁ ମଜବୁତ କରିବାକୁ ଚାହୁଁଛି। ଚୀନ୍ ରାଷ୍ଟ୍ରପତିଙ୍କ ଗସ୍ତ ଏହି ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି।

# ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ୍-୧ରେ ଆର୍ଥିକ ଅନିୟମିତତା: ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୧/୯ (ନି.ପ୍ର): ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ୍-୧ରେ ଆର୍ଥିକ ଅନିୟମିତତା ତଥା ସରକାରୀ ଅର୍ଥର ଅପବ୍ୟବହାର ନେଇ ଆସିଥିବା ଅଭିଯୋଗକୁ ରାଜ୍ୟ ସରକାର ଗୁରୁତର ସହ ଗ୍ରହଣ କରିଛନ୍ତି ଓ ଡିଭିଜନରେ ହୋଇଥିବା ସମସ୍ତ ଦୁର୍ନୀତି ଓ ଅନିୟମିତତାର ତଦନ୍ତ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ



ରଖି ନିର୍ମାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଅଧକ୍ଷତାରେ ସବୁ ଦିଗକୁ ଆଧାର କରି ତଦନ୍ତ କରାଯିବ। ତଦନ୍ତ ରିପୋର୍ଟରେ ଅଭିଯୋଗର ସବିଶେଷ ତଥ୍ୟ ସହ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ଦାୟିତ୍ୱ

◆◆ପୃଷ୍ଠା ୭

# ସ୍ୱାସ୍ଥ୍ୟ ବିଭାଗ "ଆରୋଗ୍ୟ ପଥେ" ତାଲିମ ନେଲେ ଫିରିଙ୍ଗିଆ ବ୍ଲକ୍‌ର ୧୫୫ ଜଣ ଆଶା କର୍ମୀ

କନ୍ଧମାଳ,୧୧/୦୯ (ନି.ପ୍ର): ରାଜ୍ୟରେ ଗ୍ରାମାଞ୍ଚଳରେ ରେ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ର ବ୍ୟବସ୍ଥାକୁ ସୁଦୃଢ଼ି କରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ଥିବା ବେଳେ ସରକାର ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ତାଲିମ ମାଧ୍ୟମରେ ଶସକ୍ତ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ "ଆରୋଗ୍ୟ ପଥେ" ଶିର୍ଷକ ଦ୍ୱିତିୟ ପର୍ଯ୍ୟାୟ ଅଂଶଗ୍ରହଣ ମୂଳକ ପ୍ରଶିକ୍ଷଣ ପଦ୍ଧତି ରେ ଫିରିଙ୍ଗିଆ ବ୍ଲକ୍ ଆଶା କର୍ମୀ ମାନଙ୍କୁ ତାଲିମ ଦିଆଯାଇଛି । ଅଗଷ୍ଟ ୧୨ ତାରିଖ ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୦୯ ତାରିଖରେ ଶେଷ ହୋଇଥିବା ତାଲିମ୍ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ର ବିଭିନ୍ନ ପଂଚାୟତ ରୁ ୦୫ ଗୋଟି ବ୍ୟାଚ୍ ରେ ୧୬୫ ଜଣ ଆଶା ଯୋଗ ଦେଇ ତାଲିମ୍ ନେଇଥିଲେ । ବନ୍ଧଗଡ ସ୍ଥିତ ସ୍ୱାତୀ ଅନୁଷ୍ଠାନ ଙ୍କ ତାଲିମ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଏହି ତାଲିମ୍ ଗୁଡିକରେ ତାଲିମ ଦାତା ଭାବେ ଜିଲ୍ଲା ଅଣ ସଂକ୍ରାମକ ରୋଗ ସହାୟକ ପରିଚାଳକ ଅଶୋକ କୁମାର ସାହୁ , ସିମାଦ୍ରି ମହାରଣା, ପ୍ରତ୍ୟୁସ କୁମାର କାନ୍ତି ଓ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଜନୀ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ କୌଶଳରେ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଲକ୍ଷ୍ୟ ଥିଲା ଆଶା କର୍ମୀ ମାନଙ୍କର ଦକ୍ଷତା ବୃଦ୍ଧି କରି ବିଭିନ୍ନ ଗ୍ରାମ୍ୟ ସ୍ତରୀୟ ବୈଠକ ମାଧ୍ୟମରେ ଜନସାଧାରଣ ଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତା ଦେଇ ସଚେତନ କରିବା ଓ ସମସ୍ତଙ୍କୁ ସୁସ୍ଥ ଓ ନିରୋଗା ରଖିବା । ଫରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝି ଙ୍କ ସହାୟତା ଓ ଜିଲ୍ଲା କମ୍ୟୁନିଟି ପ୍ରୋସେସ୍ ର ସହାୟକ ପରିଚାଳକ ଯସୋଶ୍ୱିନି ସାହାଣୀ ଙ୍କ ତତ୍ୱାବଧାନରେ ଆନୁଷ୍ଠିତ ଏହି ତାଲିମ୍ ଗୁଡିକରେ ବିଭିନ୍ନ ଦିବସରେ ଜିଲ୍ଲା ଓ ରାଜ୍ୟ ସ୍ତରର ଅଧିକାରି ମାନେ ଯୋଗ ଦେଇ ଆଶା ମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଗ୍ରମାଂଚଳ ପାଇଁ ଥିବା ସୁଯୋଗ ଓ ପରିଚାଳନା ଗତ ସୁବିଧା ବିଷୟରେ ସୂଚନା ଦେଇଥିଲେ । ଅନୁଷ୍ଠାନ ର ସଂପାଦକ ହରି ଶଙ୍କର ରାଉତ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ବ୍ଲକ୍ ପରିଚାଳନା ୟୁନିଟ୍ ତରଫରୁ କାର୍ଯ୍ୟକ୍ରମ ପରିଚାଳକ ହରଗୋବିନ୍ଦ ଜାନୀ ପରିଚାଳନା ରେ ସଂପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ୱାତୀ ଅନୁଷ୍ଠାନ ତରଫରୁ ସ୍ୱାଗତିକା ସାହୁ , ସ୍ନେହଲତା ପ୍ରଧାନ ଓ ବିଶ୍ୱରଞ୍ଜନ କର ପ୍ରମୁଖ ସହାୟତା କରିଥିଲେ ।

# ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାତୀ ଦ୍ୱାରା ମାନସିକ ଚାପ ନିୟନ୍ତ୍ରଣ କର୍ମଶାଳା

କନ୍ଧମାଳ,୧୧/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଚାଚେଂଡି ଏବଂ ଗୁଟିଙ୍ଗିଆ ର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ର ମିଳିତ ସହଯୋଗରେ ଏକ ଦିବସୀୟ ଚାପ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ମାଳତୀ ବେହେରା, ଆଶାକର୍ମୀ, ଅନଙ୍ଗୱାଡି କର୍ମୀ, ଯନ୍ତ୍ରକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ପରିବାର ସହାୟତା ଗୋଷ୍ଠୀ ସଭ୍ୟ ସଭ୍ୟା, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁପ୍ରଭା ନାୟକ, ପ୍ରଗତିକା ସାହୁ (ଗୁଟିଙ୍ଗିଆ), ମୁଖ୍ୟ ଅତିଥି ଶ୍ରୀମତି ଆକାଂକ୍ଷ୍ୟା ପ୍ରଧାନ୍ ସରପଂଚ ଗୁଟିଙ୍ଗିଆ, ଏହିପରି ଭାବରେ ମୋଟ ୧୦୮ ଜଣ ଯୋଗଦାନ କରିଥିଲେ । ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ମାନସିକ ରୋଗ, ଲକ୍ଷଣ, କାରଣ, ନିରାକରଣ ସହିତ ମାନସିକ ଚାପର କାରଣ ଓ ତାହାର ଉତ୍ପତି ଉପରେ ପରିପ୍ରକାଶ କରି ସମାଜରେ ଘଟି ଯାଉଥିବା ଅନୁପଯୋଗୀ କାର୍ଯ୍ୟକ୍ରମ ସମ୍ପର୍କରେ ପୁଂଖାନୁପୁଂଖ ଭାବରେ ସଚେତନ କରିବା ସହିତ ଚାପ ନିୟନ୍ତ୍ରଣ କିପରି କରାଯାଇ ପାରିବ ଚିତ୍ର ମାଧ୍ୟମରେ ମାଳତୀ ବେହେରା ଆଲୋଚନା କରିଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ଚିକିତ୍ସା ହେବେ ଏବଂ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଔଷଧ ପାଇବେ ସେ ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚାଂଚେଡି ଏବଂ ଗୁଟିଙ୍ଗିଆ ଲୋକମାନଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାତୀର ଏହିପରି ମିଳିତ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ମାନସିକ ଅସୁସ୍ଥ ବ୍ୟକ୍ତି ମାନେ ଚିକିତ୍ସା ପାଇପାରୁଛନ୍ତି ବୋଲି ପ୍ରଶଂସା କରିବା ସହିତ ଏହିପରି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ପଂଚାୟତରେ ଆହୁରି ସଚେତନତା ସୃଷ୍ଟି କରିବା ନିମନ୍ତେ ଶ୍ରୀମତୀ ଆକାଂକ୍ଷ୍ୟା ପ୍ରଧାନ (ଗୁଟିଙ୍ଗିଆ) ମତ ପ୍ରଦାନ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ସ୍ୱାତୀ ମାନସିକ ସ୍ୱାସ୍ଥ୍ୟ ଗୋଷ୍ଠୀ ସଂଯୋଜକମାନେ ସହଯୋଗ କରିଥିଲେ । ଶେଷରେ ଅଲୋକ ସାମନ୍ତରାୟ ଉପସ୍ଥିତ ଥିବା ସମସ୍ତ ସଭ୍ୟ ସଭ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

ମୁଖୀଗୁଡା,୧୧/୦୯ (ନି.ପ୍ର): ପରମ ପୂଜ୍ୟ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଦିବ୍ୟ ଜୀବନ ସଂଘର ଜୟପାଟଣାସ୍ଥିତ ଶାଖାରେ ପାଳିତ ହୋଇଯାଇଛି ।୧୮୮୭ ମସିହା ସେପ୍ଟେମ୍ବର ୮ତାରିଖରେ ଦକ୍ଷିଣ ଭାରତର ପ୍ରସିଦ୍ଧ ଦୀକ୍ଷିତ ବଂଶରେ ପିତା ଭେଙ୍ଗୁଆୟାର ଓ ମାତା ପାର୍ବତୀ ଆମ୍ମଲାଙ୍କ କୋଳ ମଣ୍ଡନ କରିଥିଲେ ଏ ଯୁଗର ମହାନ୍ ଯୋଗୀ ସ୍ୱାମୀ ସ୍ୱାମୀ ଶିବାନନ୍ଦ, ଯାହାଙ୍କ ପିଲାଦିନର ନାମ ଥିଲା କୁପୁ ସ୍ୱାମୀ । ବିଲକ୍ଷଣ ପ୍ରତିଭା ଯୁକ୍ତ ହୋଇ ଉଚ୍ଚଶିକ୍ଷା ଭାବେ ଡାକ୍ତରୀ ଶିକ୍ଷାକୁ ସେ ଚୟନ କରି ମାଳୟରେ ଜଣେ ପ୍ରସିଦ୍ଧ ଡାକ୍ତର ଭାବେ ଖ୍ୟାତ ଥିଲେ ।

**AFFIDAVIT**

By virtue of an affidavit before the Notary Public Balasore, I Kesu Das, S/o- Ramakrushna Das, permanent resident of At/P.o- Dublagadi, Via- Haldipada, Ps- Kasafal Marine, Dist- Balasore, Odisha, Pin- 756027, currently residing At- Koshamba Nagar, Bhimpura, Balasore- 756003 declare that I, wholly renounce, relinquish and abandon the use of my former name Keshab Chandra Das and assume the name of Kesu Das. Hereafter, I will be known as Kesu Das for all purposes.

Kesu Das

# କୋରାପୁଟ ଜିଲ୍ଲାରେ ପିଡିଏସ୍ ଚାଉଳ ବଂଟନ ଠପ୍: ଚିନ୍ତାରେ ହିତାଧିକାରୀ

ଜୟପୁର,୧୧/୦୯ (ନି.ପ୍ର): ଦାବି ପୂରଣ ନହେବାରୁ ଯୋଗାଣ ସହାୟକଙ୍କ ଆନ୍ଦୋଳନ ତୀବ୍ର ହୋଇଛି । ଭୁବନେଶ୍ୱର ଲୋୟର ପିଏମଜିରେ ବିଶାଳ ପ୍ରତିବାଦ ପରେ ସରକାର ଦାବି ନମାନିଲେ ସେପ୍ଟେମ୍ବର ଓ ଅକ୍ଟୋବରର ପିଡିଏସ୍ ଚାଉଳ ବଂଟନ ବନ୍ଦ ରଖିବାକୁ ସଂଘ ଚେତାବନୀ ଦେଇଛି । ଫଳରେ କୋରାପୁଟ ଜିଲାରେ ଜୟପୁର ସମେତ ୧୪ଟି ବ୍ଲକରେ ଚାଉଳ ବଂଟନରେ ସମସ୍ୟା ଦେଖାଯାଇଛି । ଆଗକୁ ନୂଆଁଖାଇ ଥିବାରୁ ଏଭଳି ସମୟରେ ଚାଉଳ ବଂଟନ ଠପ୍ ହୋଇଗଲେ ଗରିବ ଖଟିଖିଆ ପରିବାର ପାଇଁ ପର୍ବ ପାଳନ କରିବା କଷ୍ଟକର ହୋଇପଡ଼ିବ ବୋଲି ଆଶଙ୍କା କରାଯାଉଛି । କୋରାପୁଟ ଜିଲାରେ ଲକ୍ଷ ଲକ୍ଷ ହିତାଧିକାରୀ ସିଧାସଳଖ ଏହାଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି । ଅନେକ ଅସହାୟ ଗରିବ ପରିବାର ଅଛନ୍ତି, ଯେଉଁମାନଙ୍କ ଚୁଲି କେବଳ ସରକାରୀ ରାସନ ଚାଉଳ ଉପରେ ନିର୍ଭର କରେ । ଏଭଳି ସ୍ଥିତିରେ ଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲେ ଜିଲାରେ ଏକ ବଡ଼ ଧରଣର ପୋଷଣ ସଂକଟ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି । ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡିବା ଭଳି ମନେ ହେଉଛି । ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଭୁଶୁଡ଼ି ପଡୁଛି ଯୋଗାଣ ବିଭାଗ । ରାଜ୍ୟ ସହ କୋରାପୁଟ ଜିଲାରେ ପିଡିଏସ୍ (ରାସନ) ଚାଉଳ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଏବେ ଆହୁରି ଘନେଇବାରେ ଲାଗିଛି । ନିଜର ଦାବି ପୂରଣ ନହେବାରୁ ଗତ ୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଯୋଗାଣ ସହାୟକମାନେ ଏବେ ସିଧାସଳଖ ରାଜରାସ୍ତାକୁ ଓହ୍ଲାଇଛନ୍ତି । ପଂଚାୟତ ସ୍ତରରେ ଘରେ ଘରେ ରାସନ ପହଂଚାଉଥିବା ଏହି କର୍ମଚାରୀମାନେ ନିଜ ହକ୍ ପାଇଁ ଅଡ଼ି ବସିଛନ୍ତି । ସେମାନେ ୧୧ ଦଫା ଦାବିପତ୍ର ଉପସ୍ଥାପନ କରିଛନ୍ତି । ଏଥିରେ ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ କରି ସିଧାସଳଖ ବ୍ୟାଙ୍କ ଖାତାରେ ଦରମା ପ୍ରଦାନ, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତୀକରଣ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଓ ଛୁଟି ନିର୍ଦ୍ଧାରଣ, ଭତା ଏବଂ ଅନୁକମ୍ପାମୂଳକ ନିଯୁକ୍ତି ଭଳି ପ୍ରମୁଖ ଦାବି ସାମିଲ ରହିଛି । ସରକାରୀ ସ୍ତରରେ କୌଣସି ଠୋସ୍ ନିଷ୍ପତି ନଆସିବା ଯାଏଁ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । କୋରାପୁଟ ଜିଲାରେ ଗତ ୭ ତାରିଖରୁ ଯୋଗାଣ ସହାୟକ ମାନେ ଛୁଟିରେ ଥିବାରୁ ଚାଉଳ ବଂଟନରେ ସମସ୍ୟା ଦେଖାଯାଇଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଆଗକୁ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ' ଆସୁଛି । ଏଭଳି ସମୟରେ ଚାଉଳ ବଣ୍ଟନ ଠପ୍ ହୋଇ ରହିଲେ ଗରିବ ଖଟିଖିଆ ପରିବାର ପାଇଁ ପର୍ବ ପାଳନ କରିବା କଷ୍ଟକର ହୋଇପଡ଼ିବ । ଗୋଟିଏ ପଟେ ଲୋକେ ନବାନ୍ନ ଖାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଅନ୍ୟପଟେ ରାସନ ନମିଳିବା ପରିସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଅନ୍ୟପକ୍ଷରେ, ରାଜ୍ୟ ସରକାର ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କିଲୋ ଲେଖାଏଁ ଚାଉଳ ଯୋଗାଇ ଦେଉଥିଲେ ମଧ୍ୟ ଏହି ଅଚଳାବସ୍ଥା ଯୋଗୁଁ ରାସନ ଲୋକଙ୍କ ପାଖରେ ପହଂଚି ପାରୁନାହିଁ । ତେଣୁ ସ୍ଥିତି ଅଣାୟତ ହେବା ପୂର୍ବରୁ ଏବଂ ନୂଆଁଖାଇ ପର୍ବ ପୂର୍ବରୁ ସରକାର ତୁରନ୍ତ ସଂଘ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ସାଧାରଣରେ ଦାବି ଜୋର ଧରିଛି । କୋରାପୁଟ ଜିଲା ଏକ ଆଦିବାସୀ ଅଦିବାସୀ ଅଧୁଷିତ ଜିଲା ହୋଇଥିବାରୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଚାଉଳ ଉପରେ ନିର୍ଭର କରନ୍ତି ହିତାଧିକାରୀ । ତେଣୁ ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି । ଜିଲା ପ୍ରଶାସନ ଚାଉଳ ବଂଟନ ପାଇଁ ପିଇଓ ମାନଙ୍କୁ ଦାୟତ୍ୱ ଦେଇଥିବା ବେଳେ ଆଗକୁ କିପରି ହିତାଧିକାରି ଚାଉଳ ପାଇବେ ଚାଉଳ ବଂଟନ ସୁରୁଖୁରୁରେ ହେବ ତାହାକୁ ଜିଲାବାସୀ ଚାହିଁ ରହିଛନ୍ତି ।

# ୭୮ ଲିଟର ବିଦେଶୀ ମଦ ଜବତ: ଜଣେ ଗିରଫ

ମାଲକାନଗିରି,୧୧/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି -୬୮ ଗ୍ରାମରେ ବୁଧବାର ପୋଲିସ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ଅବୈଧ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଂଚଳରେ ଦୀର୍ଘ ଦିନ ଧରି ଅବୈଧ ମଦ ବିକ୍ରି ହେଉଥିବା ନେଇ ଖବର ମିଳିଥିଲା । ଏହାପରେ କାଲିମେଳା ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢଉ କରିଥିଲା । ଚଢଉ ବେଳେ ଘଟଣାସ୍ଥଳରୁ ମୋଟ ୭୮ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ବିହାର ରାଜ୍ୟ ଗୟା ଅଂଚଳର କପିଲ ଯାଦବ ବୋଲି ପୋଲିସ ଚିହ୍ନଟ କରିଛି । ସେ ବାହାର ରାଜ୍ୟରୁ ଆସି ଏଠାରେ ରହି ଅବୈଧ ମଦ ବ୍ୟବସାୟ କରୁଥିଲେ ବୋଲି ସନ୍ଦେହ କରାଯାଉଛି । ଏନେଇ କାଲିମେଳା ଥାନାରେ କେସ ନମ୍ବର ୨୧୨/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା କାଲିମେଳା ଥାନାଧିକାରୀ ପ୍ରଭୁଦତ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ବିସ୍ଥାପିତଙ୍କ ଦାବିକୁ ମିଳିଲା ଗୁରୁତ୍ୱ: ଆରପିଡିଏସି ବୈଠକରେ ଅନେକ ପ୍ରସ୍ତାବ ଗୃହୀତ

ଝାରସୁଗୁଡ଼ା,୧୧/୦୯ (ନି.ପ୍ର): ସମ୍ବଲପୁର ଆରଡିସି କାର୍ଯ୍ୟାଳୟରେ ଏନ୍ଏଲ୍ସି କମ୍ପାନୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ପିଡିଏସି ବୈଠକ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଅଂଚଳର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ। ତାଙ୍କ ଉଦ୍ୟମରେ ବିସ୍ଥାପିତଙ୍କ ସ୍ୱାର୍ଥ ସମ୍ବନ୍ଧୀୟ ଅନେକ ପ୍ରସ୍ତାବ ଗୃହୀତ ହୋଇଥିବା କୁହାଯାଇଛି।

ବୈଠକରେ ବିସ୍ଥାପିତଙ୍କ ଜମିର ମୂଲ୍ୟ ଏକର ପିଛା ପୂର୍ବରୁ ଥିବା ୩୦ରୁ ୪୦ ଲକ୍ଷ ଟଙ୍କାରୁ ବୃଦ୍ଧି କରି ୬୦ରୁ ୬୫ ଲକ୍ଷ ଟଙ୍କା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ମାସିକ ଆନୁଇଟି ରାଶି ୩ ହଜାର ଟଙ୍କାରୁ ବୃଦ୍ଧି କରି ଏମ୍ପିଏଲ୍ ଢାଂଚାରେ ୧୨ ହଜାର ଟଙ୍କା କରାଯାଇଛି। କମ୍ପାନୀର ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ପ୍ରଥମ ଅଗ୍ରାଧିକାର ଦେବାକୁ ମଧ୍ୟ ନିଷ୍ପତି ହୋଇଛି। ଏଥିସହ ଭୂମିହୀନ ଓ ଅନ୍ୟ ଜମିରେ ବସବାସ କରୁଥିବା ପରିବାରଙ୍କୁ ଆର୍ ଆଣ୍ଡ୍ ଆର୍ ସୁବିଧା ପ୍ରଦାନ ସହ ହୀରାକୁଦ ବିସ୍ଥାପିତ ସମସ୍ତ ପରିବାରକୁ ପ୍ରଭାବିତ ପରିବାର ଭାବେ ମାନ୍ୟତା ଦେବା ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଛି। ବିସ୍ଥାପନ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ଦ୍ୱରିତ ସମାଧାନ ପାଇଁ ଆର୍ଡିସିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସବ୍ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଏହି ସଫଳତା ପରେ ହିର୍ମା, ମଳଦା ଓ ରାମପୁର ଗ୍ରାମପଂଚାୟତର ଶହ ଶହ ଗ୍ରାମବାସୀ ଗୁରୁବାର ବିଟିଏମ୍ସିତ ବିଧାୟକଙ୍କ କାର୍ଯ୍ୟାଳୟରେ ପହଂଚି ଟଙ୍କଧର ତ୍ରିପାଠୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ବିଟିଏମ୍ସିତ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଆର୍ପିଡିଏସି ବୈଠକରେ ଗୃହୀତ ନୂତନ ନିଷ୍ପତି ଗୁଡ଼ିକ ଆଗାମୀ ଦିନରେ ବିସ୍ଥାପିତଙ୍କ ହକ୍ ଓ ଅଧିକାରକୁ ସୁରକ୍ଷିତ କରିବାରେ ସହାୟକ ହେବ।

# ସରକାରୀ ଜାଗାରେ ବେଆଇନ ଘର ନିର୍ମାଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ

ଜୟପୁର,୧୧/୦୯ (ନି.ପ୍ର): ସରକାରୀ କାର୍ଯ୍ୟାଳୟ ପରିସରରେ ବେଆଇନ ଭାବେ ଘର ନିର୍ମାଣକୁ ଉଚ୍ଛେଦ କରାଯାଇଛି। ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଥିବା ଘରକୁ ପ୍ରଶାସନ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି। ଏଭଳି ଘଟଣା କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ସଦର ମହକୁମା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି । ବେଆଇନ ଘର ହଟେଇବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଏହା ପରେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ତଥା ଏଏନଏମ ନିବେଦିତା ସୁନନ୍ୟା ମାଝୀଙ୍କୁ ତହସିଲ ତରଫରୁ ନୋଟିସ ଦିଆଯାଇଥିଲା । କିନ୍ତୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ତହସିଲଦାରଙ୍କ ସୂଚନାକୁ ବେଖାତିର କରିଥିଲେ । ଯାହା ଫଳରେ ଆଜି ବାଧ ହୋଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟେଟ ସିଂଗ୍ଧା ଚୌଧୁରୀ, ବ୍ଲକ ପ୍ରଶାସନିକ ଅଧିକାରୀ ତଥା ମେଡିକାଲ ଅଧିକାରୀ ବସୁବଦତା ନାୟକ, ବିପିଏମ ହେମରାଜ ପାଣିଗ୍ରାହୀ ଏବଂ ତାଙ୍କ ମେଡିକାଲ ଷ୍ଟାଫ, ଏବିଡ଼ିଓ ନିବେଦିତା ଦଣ୍ଡସେନା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତିକ ପାଢ଼ୀ, ଯୋଗାଣ ନିରୀକ୍ଷକ, ସରପଂଚ ମନମତି ନାୟକ, ସମିତିସଭ୍ୟ ଶଶୀ ପୂଜାରୀ, ପି.ଇଓ ଦୃତିକୃଷ୍ଣ ପାଙ୍ଗି, ଜିଆରଏଏସ ଜଗନ୍ନାଥ ନାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ରେଡ଼ କର୍ମକର୍ତା ନବୀନ ବିଶୋଇ, ପୋଲିସ ଏଏସଆଇ ସାଧୁ ନାୟକ, ଅନ୍ୟାନ୍ୟ କର୍ମଚାରୀମାନେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଇଥିଲେ। ଉଚ୍ଛେଦ ସମୟରେ ଜବତ ହୋଇଥିବା ସାମଗ୍ରୀ ସ୍ଥାନୀୟ ପଂଚାୟତ କାର୍ଯ୍ୟାଳୟରେ ପିଇଓଙ୍କ ହେପାଜତରେ ରଖାଯାଇଛି ।

ମେଡିକାଲ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀ ନିବେଦିତା ସୁନନ୍ୟା ମାଝୀଙ୍କୁ ଦଶମନ୍ତପୁର ବ୍ଲକର ଗିରିଲିଗୁମ୍ମାକୁ ବଦଳି ହୋଇଯାଇଛି। ଗତ ଡ଼ିସେମ୍ବର ୪ ତାରିଖରୁ ତାଙ୍କୁ ରିଲିଭ କରାଯାଇଛି କିନ୍ତୁ ସେ ନଅ ମାସ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଘର ମାଡି ବସିଛନ୍ତି, କ୍ୱାଟର ମଧ୍ୟ ଛାଡୁ ନାହାନ୍ତି । ଏଣୁ ବାଧ ହୋଇ ଆଜି ବେଆଇନ ନିର୍ମାଣ ଘର ଭଙ୍ଗା ଗଲା । ସେ ସ୍ୱାସ୍ଥ୍ୟ କର୍ମୀଙ୍କ ମାନସିକ ସମସ୍ୟା ଲକ୍ଷଣ ଦେଖାଯାଇଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି । ଏଣୁ ତାଙ୍କ ଚିକିତ୍ସା ସହ ନିଜ କାର୍ଯ୍ୟରେ କିପରି ଯୋଗ ଦେବେ ସେ ନେଇ ବୁଝାସୁଝା ପାଇଁ ଚେଷ୍ଟା ଚାଲିଛି ବୋଲି ମତ ରଖିଛନ୍ତି ।

# ଭୁବନ ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା

ଭୁବନ,୧୧/୦୯ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନର ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଗଣେଶ ମେଲଣ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପଠାରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ୧୫୮ ଜଣ ଓ ଚିତ୍ରାଙ୍କନରେ ୧୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧରେ ଇଂଟରନେଟ୍ ଓ ଛାତ୍ର ସମାଜ, ରିଲ୍ସ ସଂସ୍କୃତି ବନାମ ବାସ୍ତବ ଜୀବନ ଏବଂ ଜଳବାୟୁ ପରିବର୍ତନ ଓ ଯୁବ ସମାଜର ଦାୟିତ୍ୱ ଭଳି ସମସାମୟିକ ବିଷୟ ରହିଥିଲା ।ସେହିପରି ଚିତ୍ରାଙ୍କନରେ 'ବିଦ୍ୟାଦାତା ଶ୍ରୀ ଗଣେଶ', 'ଭୁବନର ଆରାଧ୍ୟ ବାବା ବୁଦ୍ଧେଶ୍ୱର' ଓ 'ଗର୍ବ ଗୌରବର ମାଟି ଭୁବନ' ବିଷୟରେ ବିଦ୍ୟାର୍ଥୀମାନେ ସୁନ୍ଦର ଚିତ୍ର ଅଙ୍କନ କରିଥିଲେ। ଭୁବନର କଂସା-ପିତଳ ଶିଳ୍ପ, ଦଶହରା ବଳଦ ଯାତ୍ରା ଓ ଐତିହ୍ୟ-ପରମ୍ପରାକୁ ମଧ୍ୟ ଚିତ୍ରରେ ପ୍ରତିଫଳିତ କରିଥିଲେ। ଗଣେଶ ମେଲଣ ମହୋତ୍ସବ କମିଟି ସଭାପତି ସୁବ୍ରତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ସାହୁ, ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ, ସମାଜସେବୀ ଅମ୍ବୁଜ ସାହୁ, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଗୋପବନ୍ଧୁ ସେବା ସଂଗଠନ ସଭାପତି ଅମ୍ବୁଜ ସାହୁ, ମିଥୁନ ପାତ୍ର, ରାମଚନ୍ଦ୍ର ନାୟକ ପ୍ରମୁଖ ମଂଚାସୀନ ଥିଲେ। ଭୁବନର ଅସ୍ମିତା, ପରମ୍ପରା, ଇତିହାସ, ପର୍ବ ପର୍ବାଣି ଓ ପର୍ଯ୍ୟଟନ ସ୍ଥଳୀ ସଂପର୍କରେ ଅତିଥି ମାନେ ସାରଗର୍ଭକ ଆଲୋଚନା କରୁଥିବା ବେଳେ ଢେଙ୍କାନାଳ ଇତିହାସ ସଂପର୍କିତ ଏକ ୱେବ ସାଇଟରେ ଭୁବନ ଦଶହରା ବଳଦ ଯାତ୍ରା ସ୍ଥାନିତ ନହେବା ଓ ପର୍ଯ୍ୟଟନ ସ୍ଥଳୀ ବାବା ବୁଦ୍ଧେଶ୍ୱର ପୀଠ ନାମ ନରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ମତ ଦେଇଥିଲେ । ଶିକ୍ଷକ ବସନ୍ତ ଦାସ ମଂଚ ପରିଚାଳନା କରିଥିଲେ। ଜ୍ୟୋତିଷ କୁମାର ସାହୁ, ବୀଣାପାଣି ବିହାରୀ ଓ ସରୋଜ ନାୟକ ପରୀକ୍ଷା ପରିଚାଳନା କରିଥିଲେ। ଶ୍ରୀ ଗଣେଶ ଚାରିଟେବୁଲେ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର କୁମାର ଦାଶ, ସଂପାଦକ ଦୀପକ କୁମାର ବେହେରା, ନାରାୟଣ ନାୟକ, ଟିଟୁ ଦାସ, ମନୋରଞ୍ଜନ ବେହେରା, ସୌରଭ କୁମାର ରାଉତ, ଲିଙ୍ଗରାଜ ସାହୁ, ପିଂଟୁ ଦାସ, ଗୋପାଳ ନାୟକ, ସିଲୁ ନାୟକଙ୍କ ସମେତ କମିଟିର କର୍ମକର୍ତା ସକ୍ରିୟ ସହଯୋଗ କରିଥିଲେ।

# ଜୟପୁରର ନୂତନ ଉପଜିଲ୍ଲାପାଳ ରୂପେ ଆଇଏଏସ୍ ଶୁଭ୍ରା ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର,୧୧/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡର ନୂତନ ଉପଜିଲ୍ଲାପାଳ ଭାବେ ଆଇଏଏସ୍ ଅଧିକାରୀ ଶୁଭ୍ରା ପଣ୍ଡା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚିବା ପରେ ପୂର୍ବତନ ଉପଜିଲ୍ଲାପାଳ ଯଦୁମଣି ନାଏକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଉପଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଉପଖଣ୍ଡର ପ୍ରଶାସନିକ କାର୍ଯ୍ୟଧାରା ଓ ପ୍ରାଥମିକତା ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ତୃଣମୂଳ ସ୍ତରରେ ଥିବା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେଥିପାଇଁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଜୟପୁର ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ ନୂତନ ଉପଜିଲ୍ଲାପାଳ ସାଧାରଣ ଜନତା, ଜନପ୍ରତିନିଧି ଓ ଗଣମାଧ୍ୟମର ସହଯୋଗ କାମନା କରିଛନ୍ତି। ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନରେ ଦ୍ୱରାନ୍ୱିତତା ଆଣିବା ସହ ଏହାର ବାସ୍ତବ ରୂପାୟନ ଉପରେ ନଜର ରଖାଯିବ। ସେହିପରି ସାଧାରଣ ଲୋକଙ୍କ ଅଭିଯୋଗ ଓ ସମସ୍ୟାର ଦ୍ୱରିତ ଏବଂ ନିରପେକ୍ଷ ସମାଧାନକୁ ପ୍ରାଥମିକତା ଦିଆଯିବ। ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ଅଧିକ ଉତରଦାୟୀ କରିବା ସହ ଅଭିଯୋଗର ଯଥାସମ୍ଭବ ଶୀଘ୍ର ଫଇସଲା ଉପରେ ଗୁରୁତ୍ୱ ରହିବ ବୋଲି ନୂତନ ଉପଜିଲ୍ଲାପାଳ କହିଥିଲେ। ଜୟପୁର ଉପଖଣ୍ଡ ଅଧୀନ ବିଭିନ୍ନ ବ୍ଲକ୍ ରେ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପର ନିୟମିତ ଅନୁଧ୍ୟାନ କରାଯିବ। ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତିଭୂମି କ୍ଷେତ୍ରରେ ଚାଲିଥିବା କାର୍ଯ୍ୟର ତଦାରଖ କରାଯାଇ ଗୁଣାତ୍ମକ ମାନ ଓ ସମୟବଦ୍ଧତା ଉପରେ ନଜର ରଖାଯିବ। ପ୍ରଶାସନରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ବଜାୟ ରଖିବା ସହ ସାଧାରଣ ଲୋକଙ୍କ ସହ ଉତମ ସମନ୍ୱୟ ରଖି କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ୫ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ଡବଲପାହାଡ଼ ପ୍ରାଥମିକ ବିଦ୍ୟାଳୟର ଗୃହ

ମାଲକାନଗିରି ,୧୧/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ସ୍ୱାଭିମାନ ଅଂଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଚିତ୍ରକୋଣ୍ଡା ବ୍ଲକ ରାଲେଗାଡ଼ା ପଂଚାୟତ ଡବଲପାହାଡ଼ ପ୍ରାଥମିକ ବିଦ୍ୟାଳୟର ନିଜ ଗୃହ ନଥିବାରୁ ଗତ ୧୫ ବର୍ଷ ଧରି ପିଲାମାନେ ଚର୍ଚ୍ଚ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ୨୦୧୧ ମସିହାରେ ପ୍ରଥମରୁ ପଂଚମ ଶ୍ରେଣୀ ନେଇ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଶିଶୁବାଟିକାକୁ ମିଶାଇ ବର୍ତମାନ ୪୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ପ୍ରଧାନଶିକ୍ଷକ ବିବେକାନନ୍ଦ ଶାଗିରି ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ମାତ୍ର ବିଦ୍ୟାଳୟରେ ରୋଷେଇ ଘର ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନାହିଁ ଓ ମଧ୍ୟାହ୍ନ ଭୋଜନ ମଧ୍ୟ ରୋଷେୟାଙ୍କ ଘର ବାରଣ୍ଡାରେ ପ୍ରସ୍ତୁତ ହେଉଛି । ସ୍କୁଲ ଗୃହ ନଥିବାରୁ ବିଦ୍ୟାଳୟର ସମସ୍ତ ଜରୁରୀ ନଥିପତ୍ର ଓ ବିଭିନ୍ନ ପ୍ରକାର ସାମଗ୍ରୀଗୁଡ଼ିକ ଗ୍ରାମର କେତେ ଜଣ ଲୋକଙ୍କ ଘରେ ରଖାଯାଇଥିବା ଜଣାପଡିଛି। ବିଦ୍ୟାଳୟର ପରିଚାଳନା କମିଟିର କର୍ତ୍ତୃପକ୍ଷ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଓ ପ୍ରଶାସନିକ ଅଧିକାରୀଙ୍କୁ ସ୍କୁଲ ଗୃହ ଲାଗି ଦାବି କରିଥିଲେ ।

ବିଦ୍ୟାଳୟ ଗୃହ ନିର୍ମାଣ ଲାଗି ୨୦୨୧ରେ ସମଗ୍ର ଶିକ୍ଷା ଯୋଜନାରେ ୧୩ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲେ ମଧ୍ୟ ଦୀର୍ଘ ୫ ବର୍ଷ ଧରି ଏହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ୧୫ ବର୍ଷ ହେଲା ଚର୍ଚ୍ଚ ବାରଣ୍ଡାରେ ପାଠପଢା ଚାଲିଛି !ବର୍ଷା ସମୟରେ ପିଲାମାନେ ଚର୍ଚ୍ଚ ବାରଣ୍ଡାରେ ପାଠ ପଢୁଛନ୍ତି । ଏହା ପୂର୍ବରୁ ପିଲାମାନେ ଗ୍ରାମରି କିଛି ଲୋକଙ୍କ ଘର ବାରଣ୍ଡାରେ ବସି ପାଠ ପଢୁଥିଲେ। ସମସ୍ୟା ସମ୍ପର୍କରେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ଏବଂ ଜିଲ୍ଲା ଶିକ୍ଷାକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏନେଇ ଅବଗତ ଥିବା ସହ ସ୍କୁଲ ନିର୍ମାଣ ଲାଗି ଆବଶ୍ୟକୀୟ ଅନୁଦାନ ପ୍ରଦାନ କରାଯାଇଥିବା କହିଛନ୍ତି । ପୂର୍ବରୁ ଜଣେ ଠିକାଦାର କାମ କରୁଥିବା ବେଳେ ଅନୁଦାନ ବନ୍ଦ ହେବା ପରେ ସେ କାମ ବନ୍ଦ କରିଦେଇଥିଲେ । ଏବେ ଅନୁଦାନ ଆସିବା ପରେ ଗୃହ ନିର୍ମାଣ କାମ ବର୍ତ୍ତମାନ ପୁଣି ଆରମ୍ଭ ହୋଇଥିବା ଏବଂ ସେପ୍ଟେମ୍ବର ମାସ ସୁଦ୍ଧା କାମ ଶେଷ କରାଯିବ ବୋଲି ସମଗ୍ର ଶିକ୍ଷା ଯୋଜନାର କନିଷ୍ଠ ଯନ୍ତ୍ରୀ ଶରତ ଚର୍ଚ୍ଚ ସୂଚନା ଦେଇଛନ୍ତି। ବାରମ୍ବାର ଶିକ୍ଷା ବିଭାଗର ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସ୍କୁଲ କାମ ସଂପୂର୍ଣ ହୋଇପାରୁନଥିବା କମିଟିର ସଭାପତି ସାନମା ଖୁଜ, ସଦସ୍ୟ କିମ୍ ହନ୍ତାଳ,କୁମୁରି ହନ୍ତାଳ,ବାଦ୍ରା ପାଙ୍ଗି,ସନ୍ଧ୍ୟା ହନ୍ତାଳ,ତମେଇ ହନ୍ତାଳ,ଦେଓ ଖିଲ ପ୍ରମୁଖ ପ୍ରକାଶ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୧୨ ସେପ୍ଟେମ୍ବର ୨୦୨୬ ଶନିବାର

# ଲମ୍ବା ନା ଗୋଲ୍ କେଉଁ ଲାଉ ଆପଣଙ୍କ ଶରୀର ପାଇଁ ଲାଭଦାୟକ ଜାଣି ନିଅନ୍ତୁ ଏହି ଛୋଟିଆ ଟିପ୍ସ

ପ୍ରାୟତଃ ବଜାରରେ ଦୁଇ ପ୍ରକାରର ଲାଉ ମିଳିଥାଏ, ଗୋଲ ଏବଂ ଲମ୍ବା। ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏଥି ମଧ୍ୟରୁ ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ କେଉଁଟା ଅଧିକ ଲାଭଦାୟକ।



ଗୋଲ ଲାଉ: ଗୋଲ ଲାଉର ସ୍ୱାଦ ହାଲୁକା ମିଠା ଏବଂ ବହୁତ ସ୍ୱାଦିଷ୍ଟ। ଏହା ନରମ ଏବଂ ସ୍ୱାଦ ଯୁକ୍ତ, ଯାହା ଯୋଗୁଁ ଏହା ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ପାଇଁ ଏକ ଉତ୍କୃଷ୍ଟ ବିକଳ୍ପ।

ଲମ୍ବା ଲାଉ: ଲମ୍ବା ଲାଉର ସ୍ୱାଦ ଟିକେ ନରମ ହୋଇପାରେ। ଲମ୍ବା ଲାଉର ଆକାର ବଡ଼ ଏବଂ ଗଠନ ଟିକେ କଠିନ, ଯାହା ଯୋଗୁ ଏହାକୁ ରାନ୍ଧିବାକୁ ଅଧିକ ସମୟ ଲାଗେ। କେତେକ ସମୟରେ ଲମ୍ବା ଲାଉ ହାଇବ୍ରିଡ କିମ୍ବା ଇଞ୍ଜେକ୍ଟେଡ ପ୍ରକାରର ମଧ୍ୟ ହୋଇପାରେ, ଯାହା କେବଳ ଏହାର ସ୍ୱାଦକୁ ପ୍ରଭାବିତ କରେ ନାହିଁ, ବରଂ ଏହାର ପୁଷ୍ଟିକର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ। ତଥାପି, ଲାଉରେ ଅଧିକ ପରିମାଣର ଜଳ ଥାଏ, ତେଣୁ ଅଧିକାଂଶ ଲୋକ ଏହାକୁ ଜୁସ କିମ୍ବା ସୁପ ତିଆରି କରିବା ପାଇଁ ବ୍ୟବହାର କରନ୍ତି। ଏହା ଶରୀରକୁ ସତେଜ କରିଥାଏ ଏବଂ ଶରୀରକୁ ବିଷମୁକ୍ତ କରିବାରେ ମଧ୍ୟ ସାହାଯ୍ୟ କରେ।

କେଉଁଟି ଲାଭଦାୟକ: ଗୋଲ ଏବଂ ଲମ୍ବା ଲାଉ ଉଭୟ ପୁଷ୍ଟିସାରରେ ଭରପୁର। କିନ୍ତୁ ଯଦି ଆପଣ ସ୍ୱାଦ, ପାଚନ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦେଖନ୍ତି, ତେବେ ଗୋଲ ଲାଉକୁ ଭଲ ବୋଲି ବିବେଚନା କରାଯାଏ। ପ୍ରଥମତଃ, ଏହା ଶୀଘ୍ର ସିଝିଯାଏ, ଦ୍ୱିତୀୟତଃ ଏହା ସ୍ୱାଦରେ ସାମାନ୍ୟ ମିଠା ଏବଂ ହଜମ କରିବାକୁ ମଧ୍ୟ ସହଜ। ଅନ୍ୟପକ୍ଷରେ, ରସ କିମ୍ବା ସୁପ ପାଇଁ ଲମ୍ବା ଲାଉ ବ୍ୟବହାର କରିବା ଅଧିକ ଲାଭଦାୟକ ହୋଇପାରେ। ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଲାଉ କିଣନ୍ତି, ଆପଣଙ୍କ ଆବଶ୍ୟକତା ଅନୁସାରେ ସଠିକ ଲାଉ ବାଛନ୍ତୁ।



# ମୌସୁମୀ ବର୍ଷାରୁ ମସ୍ତିଷ୍କ ସଂକ୍ରମଣ



ମୌସୁମୀ ବାୟୁ ପ୍ରବାହଜନିତ ବର୍ଷା ହେଲେ ପରିବେଶ ସବୁଜ ଦିଶିବା ସହ ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇ ଆର୍ଦ୍ର ବାୟୁ ପ୍ରବାହିତ ହୁଏ। ଏହି ସମୟରେ ଗରମରୁ ଟିକେ ତ୍ରାହି ମିଳେ। ତେବେ ଏହି ଆଶ୍ୱସ୍ତି ସହ ଆସିଥାଏ କିଛି ସମସ୍ୟା। ବର୍ଷା ଯୋଗୁଁ ଖାଲଖମାରେ ପାଣି ଜମି ରହି ମଶାବଂଶ ବୃଦ୍ଧିପାଏ। ଫଳରେ ଭୂତାଣୁମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୁଏ। ସେମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ମଣିଷ ରୋଗରେ ପଡ଼େ। ଅଧିକାଂଶ ଲୋକଙ୍କର ଧାରଣା ଯେ ମୌସୁମୀକାଳୀନ ସଂକ୍ରମଣ ଅର୍ଥ ଜ୍ୱର, ଦେହହାତ ପୀଡ଼ା, କାଶ ଓ ପେଟ ଗୋଳମାଳ। ହେଲେ ଅନେକେ ହୁଏତ ଜାଣି ନ ଥିବେ, ସାଧାରଣ ମନେ ହେଉଥିବା ସଂକ୍ରମଣ ବେଳେ ବେଳେ ମସ୍ତିଷ୍କ ଓ ସ୍ନାୟବିକ ବ୍ୟବସ୍ଥାକୁ ମଧ୍ୟ ନିଶାଣ କରିଥାଏ। ସେଭଳି ହେଲେ ରୋଗର ଉପସର୍ଗରେ ଦ୍ରୁତ ଅବନତି ଘଟେ। ଫଳରେ ମାମୁଲି ଜ୍ୱର ମଧ୍ୟ ବଡ଼ ଅସୁବିଧା କରାଏ। ଏ ଧରଣର ସଂକ୍ରମଣର ଆଗୁଆ ନିଦାନ କରାଯାଇ ତୁରନ୍ତ ଚିକିତ୍ସା କଲେ ସୁସ୍ଥତା ଫେରିଆସେ। ତେବେ ସମସ୍ୟା ହେଉଛି, ଏବେ ସାଧାରଣ ସଂକ୍ରମଣ ଆଉ ସାଧାରଣ ହୋଇ ନାହିଁ।

ବ୍ଲଡ୍ ବ୍ରେନ୍ ବ୍ୟାରିୟର କୁହାଯାଉଥିବା ଏକ ବିଶେଷ ବାଡ଼ ମଧ୍ୟରେ ମସ୍ତିଷ୍କ ସୁରକ୍ଷିତ ଥାଏ। ଏହି ବାଡ଼ ଜୀବାଣୁଙ୍କୁ ଦୂରେଇ ରଖେ। କିନ୍ତୁ କେତେକ ଭୂତାଣୁ ଓ ଜୀବାଣୁ ଏହି ସୁରକ୍ଷା ବାଡ଼ ଅତିକ୍ରମ କରିଯାଆନ୍ତି। ଆଉ କେତେକ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ଭୀଷଣ ଲଢ଼େଇ କରିବାରୁ ମସ୍ତିଷ୍କ ଚାରିପଟେ ପ୍ରଦାହ ଘଟେ। ସେଥିପାଇଁ ଡାକ୍ତରମାନେ କହନ୍ତି, ଏ ଜ୍ୱରକୁ କେବଳ ଜ୍ୱର ବୋଲି ଭାବିଲେ ହେବ ନାହିଁ। ଜ୍ୱର ସହ ମସ୍ତିଷ୍କ ସମ୍ପୃକ୍ତ ହୋଇଗଲେ ଅସୁସ୍ଥତାଜନିତ ଲକ୍ଷଣ ବଦଳିଯାଏ। ହଠାତ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ମୁଣ୍ଡ ଗୋଳମାଳ ହୋଇଯାଏ, ନିଦୁଆ ନିଦୁଆ ଲାଗେ, ବେଳେ ବେଳେ ବାତ ମାରିବା ଭଳି ମନେହୁଏ। ପୁଣି କଥା କହିବା ଓ ଚାଲିବାରେ ବି ଅସୁବିଧା ହୁଏ। ଏସବୁ ସାଧାରଣ ଋତୁକାଳୀନ ଭୂତାଣୁ ସଂକ୍ରମଣଜନିତ ଲକ୍ଷଣ ନୁହେଁ।

ତେଣୁ ଏ କ୍ଷେତ୍ରରେ ଅବହେଳା କଲେ ଆଗକୁ ସମସ୍ୟା ହୋଇପାରେ। ଡାକ୍ତରୀ ଭାଷାରେ ଏଭଳି ଭୂତାଣୁଜନିତ ମସ୍ତିଷ୍କ ସଂକ୍ରମଣକୁ ଏନ୍‌ସିଫାଲାଇଟିସ୍ କୁହାଯାଏ। ଜାପାନିଜ୍ ଏନ୍‌ସିଫାଲାଇଟିସ୍ ଭାଇରସ୍, ଚାନ୍ଦିପୁରା ଭାଇରସ୍ ଓ ହାର୍ପିଜ୍ ସିମ୍ପ୍ଲେକ୍ସ ଭାଇରସ୍ ସମେତ କେତେକ ଭାଇରସ୍ ବା ଭୂତାଣୁ ଏଥିପାଇଁ ଦାୟୀ। ଏନ୍‌ସିଫାଲାଇଟିସ୍ ସାଂଘାତିକ ରୋଗ ହୋଇଥିବାରୁ ଏହା ତୁରନ୍ତ ଚିକିତ୍ସା ଆବଶ୍ୟକ କରେ। ସେହିପରି ପ୍ରବଳ ଜ୍ୱର, ଦେହହାତ ଘୋଳାବିନ୍ଧା ଓ ଲୋ ପ୍ଲେଟ୍‌ଲେଟ୍ କାଉଣ୍ଟ୍ ଡେଙ୍ଗୁର ଲକ୍ଷଣ ବୋଲି ଅଧିକାଂଶ କହନ୍ତି। କେବେ କେବେ ଡେଙ୍ଗୁ ମଧ୍ୟ ମସ୍ତିଷ୍କକୁ ସଂକ୍ରମିତ କରି ଏନ୍‌ସିଫାଲାଇଟିସ୍‌ର କାରଣ ହୋଇଯାଏ। ସେତେବେଳେ ବାନ୍ତି ମାଡ଼ିବା, ନିଦୁଆ ଲାଗିବା, ମୁଣ୍ଡ ବିନ୍ଧିବା ଓ ବାତ ମାରିବା ଭଳି ଲକ୍ଷଣ ଦେଖାଯାଏ। ଲଗାତାର ବର୍ଷା ହେଲେ ରାସ୍ତା ଓ ଖୋଲା ସ୍ଥାନ ସବୁ ପାଣିଭର୍ତ୍ତି ହୋଇଯାଏ। ସେହି ପାଣି ସଂକ୍ରମିତ ହୋଇଥିଲେ ବି ସେଥିରେ ପଶି ଚାଲିଲେ କିଛି କ୍ଷତି ହେଲା ଭଳି ଜଣାପଡ଼େ ନାହିଁ। ତେବେ ଏହି ପାଣି ଲେପଟ୍ରୋସ୍ପାଇରୋସିସ୍‌ର ମଧ୍ୟ କାରଣ ହୋଇପାରେ। ବିଶେଷକରି ମୂଷା କିମ୍ବା ସେହି ଧରଣର ଅନ୍ୟ କୌଣସି ଲେପଟ୍ରୋସ୍ପାଇରୋସିସ୍ ଆକ୍ରାନ୍ତ ଜନ୍ତୁଙ୍କ ପରିସ୍ରା ମିଶି ତାହା ସଂକ୍ରମିତ ହୋଇଥାଏ।

# ବ୍ୟାଣ୍ଡେଜ କେବଳ ଖଣ୍ଡିଆରେ ନୁହେଁ, ଜାଣନ୍ତୁ ଏହାର ଆଉ କିଛି ବ୍ୟବହାର, ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ

**ସମସ୍ତଙ୍କ ଘରର ଫାଷ୍ଟଏଡ ବକ୍ସରେ ବ୍ୟାଣ୍ଡେଜ ସବୁବେଳେ ରହିଥାଏ। ଅନେକ ଲୋକ ଏହାକୁ ନିଜ ବ୍ୟାଗରେ ମଧ୍ୟ ରଖନ୍ତି କାରଣ ଆଘାତ ସମୟରେ ଏହାକୁ ଯେକୌଣସି ସମୟରେ ବ୍ୟବହାର କରାଯାଇପାରିବ। ଯଦି ଆପଣ ଭାବୁଛନ୍ତି ଯେ ଏହା କେବଳ ଚିକିତ୍ସା ଉଦ୍ଦେଶ୍ୟରେ ସୀମିତ, ତେବେ ଆପଣ ଭୁଲ। ବ୍ୟାଣ୍ଡେଜ ଅନେକ ପ୍ରକାରେ ବ୍ୟବହାର କରାଯାଇପାରିବ।**

◆ ନୂଆ ଜୋତା ପିନ୍ଧୁଥିଲେ: ପ୍ରାୟତଃ ଯେତେବେଳେ ଆମେ ନୂତନ ଜୋତା, ସାଣ୍ଡେଲ ବା ଚପଲ ପିନ୍ଧିଥାଉ, ଏହା ଗୋଇଠି କିମ୍ବା ଆଙ୍ଗୁଠିରେ ଘସିହୁଏ, ଯାହା ପାଦରେ କ୍ଷତ ସୃଷ୍ଟି କରେ ଏବଂ ଚାଲିବା କଷ୍ଟକର ହୋଇଥାଏ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ, ଏକ ବ୍ୟାଣ୍ଡେଜ ବ୍ୟବହାର କରନ୍ତୁ। ଏହାକୁ ଜୋତା ଭିତରେ ଉପର ଅଂଶ କିମ୍ବା ଗୋଇଠି ପାର୍ଶ୍ୱରେ ଲଗାନ୍ତୁ। ଏହା ଚର୍ମକୁ ଘସିବ ନାହିଁ ଏବଂ ଜ୍ୱଳନ ସୃଷ୍ଟି କରିବ ନାହିଁ।


◆ ବାନ୍ତି ହେଉଥିଲେ: ଯଦି ଆପଣ ବସ କିମ୍ବା ଟ୍ରେନ ଯାତ୍ରା କରିବା ସମୟରେ କିମ୍ବା ପାହାଡ଼ରେ ଚାଲିବା ସମୟରେ ପ୍ରାୟତଃ ବାନ୍ତି କରନ୍ତି, ତେବେ ଏକ ବ୍ୟାଣ୍ଡେଜ ଆପଣଙ୍କ ସମସ୍ୟାର ସମାଧାନ କରିପାରିବ। ବ୍ୟାଣ୍ଡେଜ ଉପରେ ଟିକିଏ ଔଷଧଯୁକ୍ତ ତେଲ ଛିଞ୍ଚି ହାତରେ ଲଗାନ୍ତୁ। ଏହା ଆପଣଙ୍କୁ ବାନ୍ତି ହେବାରୁ ରକ୍ଷା କରିବ। କେବଳ ଏତିକି ନୁହେଁ, ଯଦି ଆପଣଙ୍କ ଗଳାରେ ଯନ୍ତ୍ରଣା ହେଉଛି, ତେବେ ଆପଣଙ୍କ ଗଳାରେ ଔଷଧଯୁକ୍ତ ତେଲ ବୁନ୍ଦା ଲଗାଇ ଏକ ବ୍ୟାଣ୍ଡେଜ ଲଗାଇ ଦିଅନ୍ତୁ ଏବଂ ଯଦି ଆପଣଙ୍କ ନାକ ବନ୍ଦ ଅଛି ତେବେ ଏହାକୁ ଆପଣଙ୍କ ନାକରେ ଲଗାନ୍ତୁ ଦିଅନ୍ତୁ, ଏହା ନିଶ୍ୱାସ ନେବା ସହଜ କରିବ। ହେଲେ ନାକର ଉପରି ଭାଗରେ ଲଗାଇବେ।

◆ ନୂଆ ଡ୍ରେସ ପିନ୍ଧୁଥିଲେ: ପ୍ରାୟତଃ ଝିଅମାନେ ଫ୍ୟାଶନେବଲ ଦେଖାଯିବା ପାଇଁ ବିଭିନ୍ନ ଡିଜାଇନର ଡ୍ରେସ ପିନ୍ଧନ୍ତି, ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ଏକ ଓପ୍ସ ମୁହୂର୍ତ୍ତର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଯଦି ଆପଣଙ୍କ ଭିତର ପୋଷାକର ଷ୍ଟ୍ରିପ୍ସ ଟପ ପିନ୍ଧିବା ସମୟରେ ଦେଖାଯାଏ ତେବେ ବ୍ୟାଣ୍ଡେଜ ସାହାଯ୍ୟରେ ସେଗୁଡ଼ିକୁ ଚର୍ମରେ ଲଗାନ୍ତୁ। ସେଗୁଡ଼ିକ ଉପରକୁ ଦେଖାଯିବ ନାହିଁ। ଏହିପରି ଭାବରେ, ଯଦି ଆପଣ ଏକ ସ୍କର୍ଟ କିମ୍ବା ମିନି ଡ୍ରେସ ପିନ୍ଧୁଛନ୍ତି ଏବଂ ଏହା ବାରମ୍ବାର ଉଡୁଛି ତେବେ ବ୍ୟାଣ୍ଡେଜ ସାହାଯ୍ୟରେ ଏହାକୁ ଜଙ୍ଘରେ ଲଗାନ୍ତୁ। ଡ୍ରେସ ସେଟ ରହିବ।

◆ ଚାର୍ଜର କେବୁଲ ସୁରକ୍ଷିତ ରହିବ: ଅନେକ ଥର ମୋବାଇଲ କିମ୍ବା ଲାପଟପର ଚାର୍ଜର ବାରମ୍ବାର ବଙ୍କା ହେବା ଯୋଗୁ ଭାଙ୍ଗିବାକୁ ଲାଗେ। ଏହା ଯୋଗୁ ଏହା ଅନେକ ଥର ଭାଙ୍ଗି ମଧ୍ୟଯାଏ। ଏହି ଚାର୍ଜରଗୁଡ଼ିକ ଶେଷରୁ ଶୀଘ୍ର ଭାଙ୍ଗିଯାଏ। ଭାଙ୍ଗିବାରୁ ରୋକିବା ପାଇଁ, ଏହା ଉପରେ ଏକ ଗୋଲ ବ୍ୟାଣ୍ଡେଜ ଲଗାନ୍ତୁ। ଏହାର ତାର ମଜବୁତ ଏବଂ ସୁରକ୍ଷିତ ରହିବ।

◆ ଓଠ ଫାଟିବ ନାହିଁ: ଯଦି ଆପଣଙ୍କ ଓଠ ପ୍ରାୟତଃ ଫାଟିଯାଏ ଏବଂ ଏଥିପାଇଁ ଆପଣ ଲଜ୍ଜିତ ଅନୁଭବ କରନ୍ତି, ତେବେ ରାତିରେ ବ୍ୟାଣ୍ଡେଜରେ ଭେସଲିନ ଲଗାନ୍ତୁ ଏବଂ ଏହାକୁ ଓଠରେ ଲଗାନ୍ତୁ। ସକାଳେ ଏହି ଟେପ କାଢିଦିଅନ୍ତୁ। ଓଠ ନରମ ହୋଇଯିବ ଏବଂ ଡେଡ ସ୍କିନ ଦୂର ହୋଇଯିବ। କେବଳ ଏତିକି ନୁହେଁ, ଯଦି ଆପଣଙ୍କୁ ଆଖି ମେକଅପ କରିବାକୁ ପଡ଼େ ଏବଂ ଆପଣଙ୍କ ପାଖରେ କୌଣସି ଉପକରଣ ନାହିଁ, ତେବେ ଆପଣ ବ୍ୟାଣ୍ଡେଜ ଷ୍ଟ୍ରିପ ସାହାଯ୍ୟରେ ଆଖିରେ ସହଜରେ ଆଇ ଲାଇନର ଏବଂ ଆଇସାଡୋ ଲଗାଇପାରିବେ।

◆ ଅଳଙ୍କାର ସେଟ ହେବ: ଅଳଙ୍କାର ସଜାଡ଼ିବା ପାଇଁ ମଧ୍ୟ ବ୍ୟାଣ୍ଡେଜ ବ୍ୟବହାର କରାଯାଇପାରିବ। ଯଦି ହାର ଲମ୍ବା ଏବଂ ଏହାକୁ ବେକରେ ଲାଗିବାକୁ ପଡ଼େ, ତେବେ ଏହାକୁ ଏକ ବ୍ୟାଣ୍ଡେଜ ସାହାଯ୍ୟରେ ସଜାଡ଼ନ୍ତୁ। କେବଳ ଏତିକି ନୁହେଁ, ଯଦି ଅଳଙ୍କାର ଚର୍ମକୁ ଛିଣ୍ଡିଯାଉଛି, ତେବେ ବ୍ୟାଣ୍ଡେଜକୁ କାଟି ଏହାର ଧାରରେ ଲଗାନ୍ତୁ। ଏହା ଏହାକୁ ଛିଣ୍ଡିବାକୁ ଦେବ ନାହିଁ, କିମ୍ବା ଏହା କଟା ସୃଷ୍ଟି କରିବ ନାହିଁ।





# ବ୍ଲଡ୍ ପ୍ରେସରଠାରୁ ଆରମ୍ଭ କରି ୧୦୦ ରୋଗର ଉପଚାର କରେ ଗୋଟିଏ ଡାଳିମ୍ବ: ଏହି ଉପାୟରେ ଖାଇ ଉଠାନ୍ତୁ ଲାଭ

ଡାଳିମ୍ବ ଏଭଳି ଏକ ଫଳ ଯାହା ବର୍ଷସାରା ମିଳିଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଲାଭଦାୟୀ। ଏଥିରେ ୮୫% ଜଳ, ୧୦% ସର୍କରା ଏବଂ ୫% ଅନ୍ୟ ପୋଷକତତ୍ତ୍ୱ ରହିଥାଏ। ପ୍ରତ୍ୟେହ ଗୋଟିଏ ଡାଳିମ୍ବ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ରକ୍ତରେ ଶର୍କରା ନର୍ମାଲ ରହିଥାଏ। କୋଲେଷ୍ଟରଲ ନର୍ମାଲ କରିବାରେ ମଧ୍ୟ ଏହା ବେଶ ଉପଯୋଗୀ ଥାଏ। ହୃଦୟକୁ ମଧ୍ୟ ଏହା ସୁସ୍ଥ ରଖେ। କିଛି ଏହାକୁ ଥଣ୍ଡା ହେବା ଭୟରେ ଖାଇ ନ ଥାନ୍ତି। ତେବେ ଆସନ୍ତୁ ଜାଣିବା ଆପଣ ଡାଳିମ୍ବ କିଭଳି ଉପାୟରେ ସେବନ କରିବେ...



ଡାକ୍ତରଙ୍କ ମତରେ ଯଦି ଆପଣ ଡାଳିମ୍ବକୁ ଫ୍ରିଜରେ ରଖି ଖାଇବେ ତେବେ ଲାଭ ବଦଳରେ କ୍ଷତି ହେବ। ସକାଳ ଜଳଖିଆ ପୂର୍ବରୁ ଏହାକୁ ଗରମ କରି ଖାଆନ୍ତୁ। ଲାଭବାନ ହେବେ। ଏଥିପାଇଁ ଗୋଟିଏ ପାତ୍ରରେ ଜଳ ଫୁଟାଇ ନିଅନ୍ତୁ ଏବଂ ଗ୍ୟାସ୍‌ରୁ ଓହ୍ଲାଇ ଦିଅନ୍ତୁ। ଏବେ ସେହି ଗରମ ପାଣିରେ ଡାଳିମ୍ବ ରଖନ୍ତୁ। ଯେତେବେଳେ ପାଣି ଥଣ୍ଡା ହୋଇଯିବ ଏବଂ ଡାଳିମ୍ବ ଭିତରୁ ସିଝିଯିବ। ତାର ଦାନାଗୁଡ଼ିକୁ ବାହାର କରି ନିଅନ୍ତୁ। ପରେ ଏହାକୁ ସେବନ କରନ୍ତୁ। ଏହାଦ୍ୱାରା ଆପଣଙ୍କ ହୃଦୟ ସହ ଯକୃତ ସୁସ୍ଥ ରହିବ। ମନ ଶାନ୍ତ ସହ ଚିଡଚିଡାପଣ ଦୂର ହୋଇଯିବ। ତେବେ ଗରମ ଦିନରେ ଆପଣ ଡାଳିମ୍ବକୁ ଫ୍ରିଜରେ ନ ରଖି ବାହାରେ ରଖି ଖାଆନ୍ତୁ। ଖାଲି ପେଟରେ ଏହାକୁ ଖାଆନ୍ତୁ। ଲାଭ ମିଳିବ। ଲାଭ: ଡ଼ାଳିମ୍ବରେ ଫାଇବର, ଭିଟାମିନ ସି, ପୋଟାସିୟମ ଭରପୂର ଥାଏ। ଏହାର ନିୟମିତ ସେବନ ଦ୍ୱାରା ବ୍ଲଡ ପେସର ନର୍ମାଲ ରହିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ କଣ୍ଟ୍ରୋଲ କରିଥାଏ। କୋଲେଷ୍ଟରଲ କଣ୍ଟ୍ରୋଲ କରିବା ସହ ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ। ଭିଟାମିନ ସି ଏବଂ ପୋଲିଫିନୋଲ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ଏଥିରେ ଭରପୂର ଥାଏ। ଏହା ଭୋକକୁ କଣ୍ଟ୍ରୋଲ କରିଥାଏ। ଏଭଳି ଭାବେ ୧୦୦ ରୋଗରୁ ଏହା ରକ୍ଷା କରିଥାଏ।

# କ୍ଷତିକାରକ ଧୂମପାନ

ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।



# ଭାରତର ବଢୁଥିବା କୋଲେଷ୍ଟେରଲ୍ ସଙ୍କଟ

ସାଧାରଣତଃ ଆମେ ଭାବିଥାଉ ଯେ ଉଚ୍ଚ କୋଲେଷ୍ଟେରଲ୍ କେବଳ ବୟସ୍କ, ମୋଟାପଣ ବା ମଧୁମେହ ରୋଗୀଙ୍କୁ ପ୍ରଭାବିତ କରିଥାଏ । କିନ୍ତୁ ଯଦି ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଥିବା ଲୋକଙ୍କ ଶରୀରରେ ଏହି ବିପଦ ଲୁଚି ରହିଥାଏ, ତେବେ ତାହା କେତେ ଭୟଙ୍କର ହୋଇପାରେ ତାହା କଳ୍ପନା କରିବା କଷ୍ଟକର । ନିକଟରେ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଜାତୀୟ ଅଧ୍ୟୟନରୁ ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି । ଏହି ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୯୦ ପ୍ରତିଶତ (ପ୍ରାୟ ୧୦ ଜଣରୁ ୯ ଜଣ) ବୟସ୍କ ବ୍ୟକ୍ତିଙ୍କ ରକ୍ତରେ ଅସ୍ୱାଭାବିକ ଲିପିଡ୍ ସ୍ତର ରହିଛି। ଏହି ପରିସଂଖ୍ୟାନ ଏକ ନୀରବ ମହାମାରୀର ସଙ୍କେତ ଦେଉଛି, ଯାହା ସମଗ୍ର ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଆଇସିଏମ୍ଆର-ଇଣ୍ଡିଆବ୍ ନାମକ ଏହି ସର୍ବଭାରତୀୟ ସର୍ବେକ୍ଷଣରୁ ଜଣାପଡିଛି ଯେ ୮୭.୩ ପ୍ରତିଶତ ଭାରତୀୟ ବୟସ୍କ ଡିସଲିପିଡେମିଆ ବା ରକ୍ତରେ ଚର୍ବିର ଅସନ୍ତୁଳନର ଶିକାର ହୋଇଛନ୍ତି। ଏହା ଦେଶର ସବୁଠାରୁ ବ୍ୟାପକ ସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି ଏବଂ କେଉଁମାନେ ଏହି ବିପଦରେ ଅଛନ୍ତି ସେ ସମ୍ପର୍କରେ ଥିବା ପୁରୁଣା ଧାରଣାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି । ଏହି ଅଧ୍ୟୟନ ଆମକୁ ଚେତାବନୀ ଦେଉଛି ଯେ ବାହ୍ୟ ସୌନ୍ଦର୍ଯ୍ୟ କିମ୍ବା ପତଳା ଶରୀର ସୁସ୍ଥତାର ପ୍ରମାଣ ନୁହେଁ, ବରଂ ଶରୀର ଭିତରେ ଚାଲିଥିବା ରାସାୟନିକ ପ୍ରକ୍ରିୟା ହିଁ ପ୍ରକୃତ ସ୍ୱାସ୍ଥ୍ୟର ମାପକାଠି ଅଟେ ।

ଏହି ବିସ୍ତୃତ ଅଧ୍ୟୟନରେ ଦେଶର ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୨୩,୬୬୫ ଜଣ ବୟସ୍କ ବ୍ୟକ୍ତିଙ୍କ ଲିପିଡ୍ ପ୍ରୋଫାଇଲ୍ ବିଶ୍ଳେଷଣ କରାଯାଇଥିଲା। ଜ୍ୱର କିମ୍ବା ଯନ୍ତ୍ରଣା ଭଳି ଡିସଲିପିଡେମିଆର କୌଣସି ପୂର୍ବ ଲକ୍ଷଣ ନଥାଏ । ଲୋକମାନେ ନିଜକୁ ସୁସ୍ଥ ବୋଲି ଅନୁଭବ କରୁଥିବା ବେଳେ ବର୍ଷ ବର୍ଷ ଧରି ସେମାନଙ୍କ ରକ୍ତନଳୀରେ ଅସ୍ୱାସ୍ଥ୍ୟକର ଚର୍ବି ଧୀରେ ଧୀରେ ଜମା ହେବାରେ ଲାଗିଥାଏ । ଏହି ପ୍ରକ୍ରିୟା ଶେଷରେ ଧମନୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ଫଳରେ ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ଅନ୍ୟାନ୍ୟ ହୃଦରୋଗର ଆଶଙ୍କା ବହୁଗୁଣିତ ହୋଇଯାଏ । ଏହି ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ସ୍ପଷ୍ଟ କରୁଛି ଯେ ଅସ୍ୱାଭାବିକ କୋଲେଷ୍ଟେରଲ୍ ସ୍ତର ଏବେ କେବଳ ସହରାଞ୍ଚଳ କିମ୍ବା ଧନୀ ଶ୍ରେଣୀର ଲୋକଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ଏହା ଏକ ଦେଶବ୍ୟାପୀ ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇସାରିଲାଣି । ସାଧାରଣତଃ ଲୋକେ କୋଲେଷ୍ଟେରଲ୍ କହିଲେ କେବଳ ଗୋଟିଏ ସଂଖ୍ୟାକୁ ବୁଝିଥାନ୍ତି, କିନ୍ତୁ ପ୍ରକୃତରେ ଏହା ରକ୍ତରେ ଥିବା ବିଭିନ୍ନ ପ୍ରକାରର ଫ୍ୟାଟ୍ ବା ଚର୍ବିର ସନ୍ତୁଳନ ଉପରେ ନିର୍ଭର କରେ । ଯେତେବେଳେ ଏହି ସନ୍ତୁଳନ ବିଗିଡିଯାଏ, ସେତେବେଳେ ହୃଦରୋଗର ବିପଦ ଆରମ୍ଭ ହୁଏ ।

ବିଭିନ୍ନ ପ୍ରକାରର ଲିପିଡ୍ ଅସ୍ୱାଭାବିକତା ମଧ୍ୟରୁ ଗୋଟିଏ ବିଶେଷ ଭାବରେ ଉଦ୍‌ବେଗଜନକ ବୋଲି ପ୍ରମାଣିତ ହୋଇଛି । ପ୍ରତି ତିନି ଜଣ ବୟସ୍କଙ୍କ ମଧ୍ୟରୁ ପ୍ରାୟ ଦୁଇ ଜଣଙ୍କଠାରେ ଏଚ୍‌ଡିଏଲ୍ ବା ଭଲ କୋଲେଷ୍ଟେରଲ୍‌ର ସ୍ତର କମ୍ ରହିଥିବା ଦେଖିବାକୁ ମିଳିଛି । ଏଚ୍‌ଡିଏଲ୍‌କୁ ସାଧାରଣତଃ ଗୁଡ୍ କୋଲେଷ୍ଟେରଲ୍ କୁହାଯାଏ କାରଣ ଏହା ରକ୍ତରୁ ଅତିରିକ୍ତ କୋଲେଷ୍ଟେରଲ୍ ବାହାର କରିବାରେ ସାହାଯ୍ୟ କରିଥାଏ ଏବଂ ହୃଦପିଣ୍ଡକୁ ସୁରକ୍ଷା ପ୍ରଦାନ କରେ । ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍ ହେଉଛି ସବୁଠାରୁ ସାଧାରଣ ଅସ୍ୱାଭାବିକତା ଏବଂ ଏହା ପରେ ଉଚ୍ଚ ଏଲ୍‌ଡିଏଲ୍ ବା ଖରାପ କୋଲେଷ୍ଟେରଲ୍, ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ଏବଂ ଉଚ୍ଚ ମୋଟ କୋଲେଷ୍ଟେରଲ୍‌ର ସ୍ଥାନ ରହିଛି । ଦକ୍ଷିଣ ଏସୀୟ ଲୋକମାନଙ୍କର ଏକ ସ୍ୱତନ୍ତ୍ର ମେଟାବୋଲିକ୍ ପ୍ରୋଫାଇଲ୍ ରହିଛି ବୋଲି ବହୁ ପୂର୍ବରୁ ସ୍ୱୀକାର କରାଯାଇଛି । ଅନେକ ଭାରତୀୟଙ୍କ ଶରୀରର ଓଜନ ସ୍ୱାଭାବିକ ଥିଲେ ମଧ୍ୟ ସେମାନଙ୍କଠାରେ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍ ଏବଂ ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ଦେଖାଯାଏ । ଏହି ମିଶ୍ରଣ ଇନସୁଲିନ୍ ପ୍ରତିରୋଧ ସହିତ ଘନିଷ୍ଠ ଭାବରେ ଜଡିତ ଏବଂ ଏହା ଅକାଳ ହୃଦରୋଗର ମୁଖ୍ୟ କାରଣ ସାଜିଥାଏ । ଯଦିଓ ବୈଜ୍ଞାନିକମାନେ କେବଳ କମ୍ ଏଚ୍‌ଡିଏଲ୍ କୋଲେଷ୍ଟେରଲ୍‌ର ଭୂମିକା ଉପରେ ବିତର୍କ ଜାରି ରଖିଛନ୍ତି, ତଥାପି ଭାରତରେ ଏହାର ଅତ୍ୟଧିକ ବ୍ୟାପକତା ଏହାକୁ ସାମଗ୍ରିକ କାର୍ଡିଓମେଟାବୋଲିକ୍ ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ଉପସ୍ଥାପନ କରୁଛି ।

ଏହି ସମସ୍ୟାର ମୂଳ କାରଣ ଖୋଜିବାକୁ ଗଲେ ଜୀବନଶୈଳୀ ଏବଂ ଖାଦ୍ୟପେୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡେ । ବିଶେଷଜ୍ଞମାନଙ୍କ ମତରେ, ଯଦିଓ ଭାରତୀୟମାନେ ଜେନେଟିକ୍ ଭାବରେ ଏହି ସମସ୍ୟା ପ୍ରତି ସମ୍ବେଦନଶୀଳ, ତଥାପି ଆମର ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ ଏଥିପାଇଁ ସମାନ ଭାବରେ ଦାୟୀ । ଆମର ଦୈନନ୍ଦିନ ଖାଦ୍ୟରେ କାର୍ବୋହାଇଡ୍ରେଟ୍‌ର ମାତ୍ରା ଅଧିକ ରହୁଛି, ଯେପରିକି ଭାତ ଏବଂ ରୁଟି ଉପରେ ଆମର ଅତ୍ୟଧିକ ନିର୍ଭରଶୀଳତା । ଅତ୍ୟଧିକ କାର୍ବୋହାଇଡ୍ରେଟ୍ ଟ୍ରାଇଗ୍ଲିସେରାଇଡ୍ ସ୍ତରକୁ ବଢାଇଦିଏ ଏବଂ ଏଚ୍‌ଡିଏଲ୍ ସ୍ତରକୁ କମାଇଦିଏ । ଗବେଷକଙ୍କ ମତରେ କେବଳ ଏହି ଗୋଟିଏ ଖାଦ୍ୟଗତ କାରଣ ଭାରତୀୟମାନଙ୍କଠାରେ ୯୦ ପ୍ରତିଶତ ଡିସଲିପିଡେମିଆ ପାଇଁ ଦାୟୀ ଅଟେ । ତେଣୁ ଖାଦ୍ୟ ଥାଳିର ସଠିକ୍ ପରିଚାଳନା ନିହାତି ଆବଶ୍ୟକ । ଏକ ଆଦର୍ଶ ଥାଳିରେ ଏକ ଚତୁର୍ଥାଂଶ କାର୍ବୋହାଇଡ୍ରେଟ୍, ଏକ ଚତୁର୍ଥାଂଶ ପ୍ରୋଟିନ୍ ଏବଂ ଅଧା ଥାଳି ପନିପରିବା ଓ ଫଳ ରହିବା ଉଚିତ୍ । ଏହିପରି ସନ୍ତୁଳିତ ଆହାର ଗ୍ରହଣ କଲେ ରକ୍ତରେ ଲିପିଡ୍ ସ୍ତରକୁ ସହଜରେ ନିୟନ୍ତ୍ରଣରେ ରଖାଯାଇପାରିବ ଏବଂ ହୃଦରୋଗର ଆଶଙ୍କାକୁ କମାଯାଇପାରିବ । ଆମର ଦୈନନ୍ଦିନ ଅଭ୍ୟାସ, ଯେପରିକି ସୁସ୍ଥ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା ଏବଂ ତମାଖୁ ବର୍ଜନ କରିବା, ହୃଦୟର ସୁସ୍ଥତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅଧ୍ୟୟନ ପୁନର୍ବାର ପ୍ରମାଣିତ କରିଛି ।

ଏହି ଅଧ୍ୟୟନର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ଯେଉଁମାନଙ୍କୁ ଆମେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଭାବୁଛୁ, ସେମାନେ ମଧ୍ୟ ଏହି ବିପଦରୁ ମୁକ୍ତ ନୁହଁନ୍ତି । ଗବେଷକମାନେ ଆକଳନ କରିଛନ୍ତି ଯେ ପ୍ରାୟ ୩୫.୫ କୋଟି ଭାରତୀୟଙ୍କଠାରେ ସ୍ୱାଭାବିକ ରକ୍ତଶର୍କରା, ସ୍ୱାଭାବିକ ରକ୍ତଚାପ ଏବଂ ମୋଟାପଣ ନଥାଇ ମଧ୍ୟ ଅସ୍ୱାଭାବିକ ଲିପିଡ୍ ସ୍ତର ରହିଛି । ଅର୍ଥାତ୍ ଲକ୍ଷ ଲକ୍ଷ ଲୋକ ଯେଉଁମାନେ ଦେଖିବାକୁ ପତଳା ଏବଂ ସୁସ୍ଥ ଲାଗନ୍ତି, ସେମାନେ ମଧ୍ୟ ଭବିଷ୍ୟତରେ ହୃଦରୋଗର ଏକ ବଡ଼ ଆଶଙ୍କା ବହନ କରୁଛନ୍ତି । ଏହା ସେହି ପାରମ୍ପରିକ ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରୁଛି ଯେ କେବଳ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ଅଧିକ ଓଜନ ଥିବା ବ୍ୟକ୍ତିମାନେ ହିଁ କୋଲେଷ୍ଟେରଲ୍ ପରୀକ୍ଷା କରିବା ଉଚିତ୍ । ଏହି ତଥ୍ୟ ଆମକୁ ଚେତାବନୀ ଦେଉଛି ଯେ ବାହ୍ୟ ଆକୃତି ଦେଖି କାହାରି ସ୍ୱାସ୍ଥ୍ୟର ସଠିକ୍ ଆକଳନ କରାଯାଇପାରିବ ନାହିଁ । ଏବେ ସମୟ ଆସିଛି ଯେ ପ୍ରତ୍ୟେକ ବ୍ୟକ୍ତି, ନିଜର ଓଜନ ଏବଂ ଶାରୀରିକ ଗଠନ ନିର୍ବିଶେଷରେ, ନିଜର ଲିପିଡ୍ ପ୍ରୋଫାଇଲ୍ ପରୀକ୍ଷା କରିବାକୁ ଗୁରୁତ୍ୱ ଦେବା ଦରକାର । ଯେତେ ଶୀଘ୍ର ଏହି ସମସ୍ୟା ଚିହ୍ନଟ ହେବ, ସେତେ ଶୀଘ୍ର ଏହାର ନିରାକରଣ ସମ୍ଭବ ହୋଇପାରିବ ।

ବୟସ ଏବଂ ଲିଙ୍ଗଗତ ତଥ୍ୟକୁ ବିଶ୍ଳେଷଣ କଲେ ପରିସ୍ଥିତି ଆହୁରି ଚିନ୍ତାଜନକ ମନେହୁଏ। ଅନେକ ଲୋକ ଭାବନ୍ତି ଯେ ହୃଦରୋଗର ଆଶଙ୍କା କେବଳ ବୃଦ୍ଧାବସ୍ଥାରେ ବଢିଥାଏ, କିନ୍ତୁ ଏହି ଅଧ୍ୟୟନ ଅନୁଯାୟୀ ଡିସଲିପିଡେମିଆର ପ୍ରକୋପ ୩୦ ରୁ ୩୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ରହୁଛି । ଏହାର ଅର୍ଥ ହେଉଛି ଯେ ବୟସ୍କ ଜୀବନର ସବୁଠାରୁ ଉତ୍ପାଦନଶୀଳ ସମୟରେ ହିଁ ଶରୀରର ମେଟାବୋଲିଜିମ୍‌ରେ ଅସ୍ୱାସ୍ଥ୍ୟକର ପରିବର୍ତ୍ତନ ଆରମ୍ଭ ହୋଇଯାଉଛି । ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ଦେଶ ଭାରତ ପାଇଁ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହୋଇପାରେ । କମ୍ ବୟସରୁ ଅସ୍ୱାଭାବିକ ଲିପିଡ୍ ସ୍ତର ଆରମ୍ଭ ହେବାର ଅର୍ଥ ହେଉଛି ଜୀବନସାରା କୋଲେଷ୍ଟେରଲ୍ ଜନିତ କ୍ଷତିର ସମ୍ମୁଖୀନ ହେବା, ଯାହା ଅକାଳ ହୃଦରୋଗର ଆଶଙ୍କାକୁ ବହୁଗୁଣିତ କରିଦିଏ। ଏହାବ୍ୟତୀତ, ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କଠାରେ ଡିସଲିପିଡେମିଆର ପ୍ରଭାବ ଅଧିକ ରହିଛି । ଏହା ସୂଚାଉଛି ଯେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ପରିବାର ଏବଂ ସମାଜର ଅଧିକ ଧ୍ୟାନ ଦେବା ଆବଶ୍ୟକ ଏବଂ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ୍ ।

ସହର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ଏବେ ସଙ୍କୁଚିତ ହେବାରେ ଲାଗିଛି। ଯଦିଓ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ବାସିନ୍ଦାମାନେ ଅଧିକ ପ୍ରଭାବିତ ହୋଇଛନ୍ତି, ତଥାପି ଗ୍ରାମୀଣ ଭାରତ ମଧ୍ୟ ଏହି ସଙ୍କଟରୁ ସୁରକ୍ଷିତ ନାହିଁ । ସହର ଓ ଗାଁ ମଧ୍ୟରେ ଥିବା ଏହି ସାମାନ୍ୟ ପାର୍ଥକ୍ୟ ସୂଚାଉଛି ଯେ ଖରାପ ଜୀବନଶୈଳୀ, ତ୍ରୁଟିପୂର୍ଣ୍ଣ ଖାଦ୍ୟପେୟ ଏବଂ ଶାରୀରିକ ପରିଶ୍ରମର ଅଭାବ ଏବେ କେବଳ ବଡ଼ ବଡ଼ ସହରରେ ସୀମିତ ନାହିଁ, ବରଂ ଦେଶର କୋଣ ଅନୁକୋଣରେ ପହଞ୍ଚିଗଲାଣି । ପ୍ରକ୍ରିୟାକୃତ ଖାଦ୍ୟ, ବସି ରହି କାମ କରିବା ଏବଂ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଇବା ଆଜିକାଲି ସାଧାରଣ କଥା ହୋଇଗଲାଣି । ଆଶା କରାଯାଉଥିବା ଭଳି, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ମୋଟାପଣ ଥିବା ବ୍ୟକ୍ତିମାନଙ୍କଠାରେ ଅସ୍ୱାଭାବିକ ଲିପିଡ୍ ସ୍ତର ଅଧିକ ଦେଖାଯାଉଛି । ଶାରୀରିକ ନିଷ୍କ୍ରିୟତା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଏହି ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏକ ବିରାଟ ବୋଝ ପକାଇବାକୁ ଯାଉଛି, ଯାହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଆବଶ୍ୟକ ।

ହୃଦରୋଗ ଏବେ ବି ଭାରତରେ ମୃତ୍ୟୁର ସବୁଠାରୁ ବଡ଼ କାରଣ ହୋଇ ରହିଛି ଏବଂ ଡିସଲିପିଡେମିଆ ହେଉଛି ଏହାର ଅନ୍ୟତମ ପ୍ରମୁଖ କାରଣ । ତେବେ ଆଶ୍ୱାସନାର ବିଷୟ ହେଉଛି ଯେ ଏହାକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ । ଏହି ପରିପ୍ରେକ୍ଷୀରେ, ଦେଶର ସ୍ୱାସ୍ଥ୍ୟ ପରୀକ୍ଷା ରଣନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । କେହି ଜଣେ ମଧୁମେହ କିମ୍ବା ଉଚ୍ଚ ରକ୍ତଚାପର ଶିକାର ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଏବଂ ତା'ପରେ ତାଙ୍କର କୋଲେଷ୍ଟେରଲ୍ ପରୀକ୍ଷା କରିବା ପ୍ରକ୍ରିୟା ଆଉ ଫଳପ୍ରଦ ନୁହେଁ । ଏପରି କଲେ ଲକ୍ଷ ଲକ୍ଷ ଉଚ୍ଚ-ବିପଦସମ୍ପନ୍ନ ବ୍ୟକ୍ତି ଚିହ୍ନଟ ହେବାରୁ ବଞ୍ଚିତ ହେବେ । ଏହା ପରିବର୍ତ୍ତେ, ବ୍ୟାପକ ଲିପିଡ୍ ସ୍କ୍ରିନିଂ, ବିପଦର ପ୍ରାରମ୍ଭିକ ଚିହ୍ନଟ ଏବଂ ଠିକ୍ ସମୟରେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦ୍ୱାରା ଭବିଷ୍ୟତରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍‌ର ମାତ୍ରାକୁ ଯଥେଷ୍ଟ ହ୍ରାସ କରାଯାଇପାରିବ । ନିୟମିତ ବ୍ୟାୟାମ, ଅଲ୍ଟ୍ରା-ପ୍ରୋସେସଡ୍ ଖାଦ୍ୟ ଏବଂ ଟ୍ରାନ୍ସ ଫ୍ୟାଟ୍ ବର୍ଜନ କରିବା, ଅଧିକ ଫଳ ଓ ପନିପରିବା ଖାଇବା, ସଠିକ୍ ଓଜନ ବଜାୟ ରଖିବା ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଦ୍ୱାରା ହୃଦରୋଗର ଆଶଙ୍କାକୁ ବହୁମାତ୍ରାରେ କମାଯାଇପାରିବ । ଲୋକମାନେ କେବଳ ଯୁବକ, ପତଳା କିମ୍ବା ମଧୁମେହମୁକ୍ତ ଥିବାରୁ ନିଜକୁ ସୁରକ୍ଷିତ ବୋଲି ଭାବିବା ଉଚିତ୍ ନୁହେଁ ।

ପରିଶେଷରେ, ଏହି ରିପୋର୍ଟ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ସମୟ ଥାଉ ଥାଉ ସଚେତନ ନହେଲେ ଭବିଷ୍ୟତରେ ଏହା ଏକ ଭୟଙ୍କର ସ୍ୱାସ୍ଥ୍ୟ ବିପର୍ଯ୍ୟୟର ରୂପ ନେବ । ଯଦି ଭାରତ ହୃଦରୋଗର ଏହି ବଢୁଥିବା ସୁନାମିକୁ ରୋକିବାକୁ ଚାହୁଁଛି, ତେବେ କୋଲେଷ୍ଟେରଲ୍ ପରୀକ୍ଷା ଆହୁରି କମ୍ ବୟସରୁ ଆରମ୍ଭ ହେବା ଆବଶ୍ୟକ । ରୋଗ ନିରାକରଣ ଅପେକ୍ଷା ପ୍ରତିରୋଧକୁ ଅଧିକ ପ୍ରାଥମିକତା ଦିଆଯିବା ଉଚିତ୍ ଏବଂ ଏହି ସଚେତନତା ପ୍ରତ୍ୟେକ ପରିବାରରେ ପହଞ୍ଚିବା ଜରୁରୀ । ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ନୀତି ପ୍ରଣୟନକାରୀମାନେ ଏହି ତଥ୍ୟକୁ ଭିତ୍ତି କରି ନୂତନ ମାର୍ଗଦର୍ଶିକା ଜାରି କରିବା ଉଚିତ୍, ଯେଉଁଥିରେ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଲିପିଡ୍ ପ୍ରୋଫାଇଲ୍ ଟେଷ୍ଟ ସାମିଲ ଥିବ । ଯେତେବେଳେ ଦେଶର ୧୦ ଜଣ ବୟସ୍କଙ୍କ ମଧ୍ୟରୁ ପ୍ରାୟ ୯ ଜଣଙ୍କର ଲିପିଡ୍ ପ୍ରୋଫାଇଲ୍ ଅସ୍ୱାଭାବିକ ରହୁଛି, ସେତେବେଳେ ପ୍ରଶ୍ନ ଏହା ନୁହେଁ ଯେ କିଏ ବିପଦରେ ଅଛି, ବରଂ ପ୍ରଶ୍ନ ହେଉଛି ଆମେ କେତେ ଶୀଘ୍ର ଏହାର ପ୍ରତିକାର ପାଇଁ ପଦକ୍ଷେପ ନେଉଛୁ । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଏକ ସୁସ୍ଥ ଏବଂ ସୁରକ୍ଷିତ ଭାରତ ଗଠନରେ ସହାୟକ ହୋଇପାରିବ ।



# ଭାରତୀୟ ମୁକ୍ତି ସିଦ୍ଧାନ୍ତ ଅଦ୍ୱୈତ ବେଦାନ୍ତ


ହେମନ୍ତ କୁମାର ଗନ୍ତାୟତ


ଭାରତୀୟ ଆସ୍ତିକ ଦର୍ଶନ ମଧ୍ୟରେ ଅଦ୍ୱୈତ ବେଦାନ୍ତ ଦର୍ଶନକୁ ସମସ୍ତ ଦର୍ଶନର ଶିରୋମଣି ବୋଲି କୁହାଯାଏ। କାରଣ ଏହି ଦର୍ଶନର ମୂଳଲକ୍ଷ୍ୟ ହେଉଛି ଜୀବର ଆତ୍ୟନ୍ତିକ ଦୁଃଖ ଦୂରକରି ପରମାନନ୍ଦ ପ୍ରଦାନ କରିବା। ଯାହାର ସରଳ ଅର୍ଥ ହେଉଛି ମୁକ୍ତି ବା ମୋକ୍ଷ। ଏହି ମୁକ୍ତି ଅବସ୍ଥା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ, ଯଥା ଜୀବନମୁକ୍ତି ଓ ବିଦେହ ମୁକ୍ତି। ଉଭୟ ଅବସ୍ଥା ମଧ୍ୟରେ ଥିବା ମୂଳ ପାର୍ଥକ୍ୟ ହେଉଛି ଯେ, ଜୀବ ସାଧାରଣତଃ ଜୀବିତ ଅବସ୍ଥାରେ ଯେଉଁ ମୁକ୍ତି ପାଇଥାଏ ତାହାକୁ ଜୀବନ ମୁକ୍ତି ଏବଂ ଶରୀର ପାତ ବା ମୃତ୍ୟୁ ପରେ ଯାହା ପ୍ରାପ୍ତ ହୁଏ ତାହାକୁ ବିଦେହ ମୁକ୍ତି କୁହାଯାଏ।

ଶରୀରଧାରୀ ମଣିଷ ଜୀବିତ ଅବସ୍ଥାରେ ହିଁ ପରମ ଜ୍ଞାନ ବା ବ୍ରହ୍ମଜ୍ଞାନ ପ୍ରାପ୍ତ ହେବାକୁ 'ଜୀବନମୁକ୍ତି' କୁହାଯାଏ। ଏହି ଅବସ୍ଥା କେବଳ ସେହି ବ୍ୟକ୍ତି ବିଶେଷଙ୍କୁ ପ୍ରାପ୍ତ ହୋଇଥାଏ; ଯେଉଁମାନେ କି ଅଦ୍ୱୈତ ବେଦାନ୍ତ ବିହିତ ତତ୍ତ୍ୱକୁ ହୃଦୟାଙ୍ଗ କରିଥାନ୍ତି। ଏହାର ମୁଖ୍ୟ ବୈଶିଷ୍ଟ୍ୟହେଲା ଏପରି ବ୍ୟକ୍ତିମାନେ ସଂସାରରେ ରହନ୍ତି, କିନ୍ତୁ ସଂସାରର ମାୟା-ମୋହ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ। ଏହିମାନଙ୍କୁ ସୁଖ-ଦୁଃଖ, ଲାଭ-କ୍ଷତି କିମ୍ବା ନିନ୍ଦା-ପ୍ରଶଂସାରେ କୌଣସି ପ୍ରଭାବ ପଡ଼େ ନାହିଁ। ଯାହାର ଦୃଷ୍ଟାନ୍ତ ଶ୍ରୀମଦ୍ ଭଗବଦ୍ ଗୀତାରେ ଦେଖା ଯାଏ:-

ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ।।
ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍‌ମେ ପ୍ରିୟୋ ନରଃ ।।

ଅର୍ଥାତ୍ ଯେଉଁମାନେ ମିତ୍ର - ଶତ୍ରୁଙ୍କ ପ୍ରତି ସମଭାବ ପ୍ରଦର୍ଶନ କରନ୍ତି ଏବଂ ମାନ - ଅପମାନ, ଶୀତ - ଉଷ୍ଣ, ସୁଖ ଓ ଦୁଃଖାଦିରେ ସମଭାବାପନ୍ନ ରହିବା ସହ କୁସଙ୍ଗରୁ ଦୂରେଇ ରୁହନ୍ତି। ତତ୍‌ସହିତ ମାଉନରେ ରହି ସାଧନାରତ ଥାନ୍ତି। ଏହି ସାଧନାରୁ ଯାହା କିଛି ଏମାନଙ୍କୁ ଉପଲବ୍ଧ ହୁଏ, ସେଥିରେ ହିଁ ସେ ସନ୍ତୁଷ୍ଟ ରହନ୍ତି ଏବଂ ବାସସ୍ଥାନ ପ୍ରତି ଆସକ୍ତ ହୁଅନ୍ତି ନାହିଁ। ଏମାନଙ୍କ ବୁଦ୍ଧି ଦୃଢ଼ ଭାବରେ ମୋ (ବ୍ରହ୍ମ)ଠାରେ ସ୍ଥିର ଥାଏ ଏବଂ ମୋ' ପ୍ରତି ପ୍ରଗାଢ଼ ଭକ୍ତି ମଧ୍ୟ ରହିଥାଏ। ତେଣୁ ଏପରି ବ୍ୟକ୍ତି ବିଶେଷ ମୋର ଅତ୍ୟନ୍ତ ପ୍ରିୟ ଅଟନ୍ତି । ଜୀବନମୁକ୍ତ ଜ୍ଞାନୀ ପୁରୁଷ ସଦା ସର୍ବଦା ଆତ୍ମାନନ୍ଦରେ ଲୀନ ରହୁଥିବା କାରଣରୁ, ଏହିମାନଙ୍କ ସମସ୍ତ 'ସଞ୍ଚିତ' ଓ 'ଆଗାମୀ' କର୍ମ ବିନଷ୍ଟ ହୋଇଯାଏ। ଯାହାର ଦୃଷ୍ଟାନ୍ତ ଉପନିଷଦରେ ଦେଖିବାକୁ ମିଳେ:

ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ?

ଏହାର ଅର୍ଥ, ଯେତେବେଳେ ସେହି ପରମ ବ୍ରହ୍ମ (ପରାବର) ବା ସର୍ବୋଚ୍ଚ ସତ୍ୟର ସାକ୍ଷାତ୍କାର ହୁଏ, ସେତେବେଳେ ହୃଦୟରେ ଥିବା ସମସ୍ତ ଅଜ୍ଞାନରୂପକ ଗ୍ରନ୍ଥି (ଗଣ୍ଠି) ବା ବନ୍ଧନ ଛିନ୍ନ ହୋଇଯାଏ। ଯାହାଫଳରେ ଆତ୍ମା ଓ ପରମାତ୍ମାଙ୍କୁ ନେଇ ଥିବା ସମସ୍ତ ସନ୍ଦେହ ବା ସଂଶୟ ଦୂରଯାଏ। ଏହା ଦ୍ୱାରା ମନୁଷ୍ୟର ସମସ୍ତ ସଞ୍ଚିତ କର୍ମ ଓ ଏହାର ଫଳ ନଷ୍ଟ ହୋଇଥାଏ, ଅର୍ଥାତ୍ ସେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯାଏ ଏବଂ ଯିଏ ସର୍ବଶ୍ରେଷ୍ଠ ବା କାର୍ଯ୍ୟ ଓ କାରଣର ଉଭୟରୁ ଉର୍ଦ୍ଧ୍ୱରେ ସେହି ପରମ ବ୍ରହ୍ମ ବା ସର୍ବୋଚ୍ଚ ସତ୍ୟର ସାକ୍ଷାତ୍କାର ହେବା ମାତ୍ରେ ହିଁ ଉପରୋକ୍ତ ତିନୋଟି ଯାକ ସ୍ଥିତି (ଗଣ୍ଠି ଖୋଲିବା, ସଂଶୟ ଦୂର ହେବା ଓ କର୍ମ ନଷ୍ଟ ହେବା) ସ୍ୱତଃ ସିଦ୍ଧ ହୋଇଯାଏ। କିନ୍ତୁ ଶରୀର ଧାରଣ ପାଇଁ ପ୍ରାରବ୍ଧ କର୍ମ ବାକି ରହିଥାଏ। ଏହି ମୁକ୍ତି ସହ ତିନି ପ୍ରକାରର କର୍ମ ଜଡ଼ିତ, ଯଥା:- ପ୍ରାରବ୍ଧ କର୍ମ, କ୍ରିୟମାଣ କର୍ମ ଓ ସଞ୍ଚିତ କର୍ମ। ଯାହା ବେଦାନ୍ତ ଅନୁସାରେ ମଣିଷର ମୁକ୍ତି ସହିତ ସିଧାସଳଖ ସମ୍ପର୍କ ରହିଛି। ସେଥି ମଧ୍ୟରୁ ସଞ୍ଚିତ କର୍ମ, ଯାହା ମଣିଷର ଅତୀତ ଏବଂ ତା'ର ଅନେକ ଜନ୍ମର ଏକତ୍ରିତ ହୋଇ ରହିଥିବା କର୍ମର ଭଣ୍ଡାର। ଏହି କର୍ମ ବ୍ରହ୍ମଜ୍ଞାନ ପ୍ରାପ୍ତ ହେବା ଦ୍ୱାରା ଜ୍ଞାନର ଅଗ୍ନିରେ ଭସ୍ମ ହୋଇଯାଏ ବୋଲି ଭଗବଦ୍ ଗୀତାରେ କୁହାଯାଇଛି:

ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍‌କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍‌କୁରୁତେ ତଥା ।।

ଅର୍ଥାତ୍:- ହେ ଅର୍ଜୁନ! ଗୋଟିଏ ଛୋଟ ସ୍ଫୁଲିଙ୍ଗର ମଧ୍ୟ ଏକ ବିରାଟ ଅଗ୍ନିକାଣ୍ଡ ଘଟାଇବାର ସହାୟକ ହୋଇଥାଏ ଏବଂ ଦହନଶୀଳ ପଦାର୍ଥ ବିଶାଳ ସ୍ତୂପକୁ ମଧ୍ୟ ଜାଳି ପାଉଁଶରେ ପରିଣତ କରିଦିଏ। ସେହିପରି ଜ୍ଞାନ ରୂପକ ଅଗ୍ନି ମଧ୍ୟ ସାଂସାରିକ କର୍ମର ଫଳକୁ ଜାଳି ଭସ୍ମ କରି ଦେଇଥାଏ।

ବ୍ରହ୍ମଜ୍ଞାନ ପ୍ରାପ୍ତ ହେବାପରେ ଜୀବନମୁକ୍ତ ପୁରୁଷ ଜୀବାଦଶା ସମୟରେ ଯେଉଁ ସବୁ କର୍ମ କରେ, ତାହାକୁ ଆଗାମୀ କର୍ମ କୁହାଯାଏ। ଯାହା ସେ, ଅହଂକାର ରହିତ ହୋଇ କରୁଥାଏ। ତେଣୁ ତାଙ୍କୁ କୌଣସି ନୂତନ କର୍ମର ପାପ ବା ପୁଣ୍ୟ ଫଳ ମିଳେ ନାହିଁ। ତେଣୁ ଏଥିରେ ସଞ୍ଚିତ କର୍ମ ସୃଷ୍ଟି ହୁଏ ନାହିଁ। ଜ୍ଞାନ ପ୍ରାପ୍ତି ପରେ ମଧ୍ୟ ପ୍ରାରବ୍ଧ କର୍ମର ଭୋଗ ଶେଷ ନହେବା ପର୍ଯ୍ୟନ୍ତ ଶରୀର ରହିଥାଏ। ଏହି ପ୍ରାରବ୍ଧ କର୍ମ ଶେଷ ହେଲେ ହିଁ ତାହାଙ୍କୁ ବିଦେହ ମୁକ୍ତି ପ୍ରାପ୍ତି ହୋଇଥାଏ। ଏହା ପୂର୍ବରୁ ସେମାନେ ସ୍ଥିତପ୍ରଜ୍ଞ ଅବସ୍ଥାରେ ହିଁ ରହିଥାନ୍ତି। ଏପରି ବ୍ୟକ୍ତି ସଂସାରରେ ରହି ସବୁ କର୍ମ କରନ୍ତି, କିନ୍ତୁ ପଦ୍ମପତ୍ରର ପାଣି ପରି ସେ ସଂସାରରେ ଅନାସକ୍ତ ରହନ୍ତି। ଏହାର ଉଦାହରଣ ଗୀତାରେ ଦେଖାଯାଏ:-

ପ୍ରଜହାତି ଯଦା କାମାନ୍ ସର୍ବାନ୍‌ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ।।

ଅର୍ଜୁନଙ୍କ ସ୍ଥିତପ୍ରଜ୍ଞ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପରମ ପୁରୁଷ ଶ୍ରୀଭଗବାନ କୃଷ୍ଣ କହିଛନ୍ତି, ହେ ପାର୍ଥ! ଯେତେବେଳେ ବ୍ୟକ୍ତି ସମସ୍ତ ସ୍ୱାର୍ଥଯୁକ୍ତ କାମନା ଏବଂ ମନକୁ ଅଶାନ୍ତ କରୁଥିବା ଇନ୍ଦ୍ରିୟ ଲାଳସା ତ୍ୟାଗ କରି ଆତ୍ମାର ଅନୁଭୂତିରେ ସନ୍ତୁଷ୍ଟ ରହେ, ସେପରି ବ୍ୟକ୍ତିଙ୍କୁ ସ୍ଥିତପ୍ରଜ୍ଞ ବା ଜୀବନମୁକ୍ତ ପୁରୁଷ କୁହାଯାଏ ।

ସଂକ୍ଷେପରେ କହିବାକୁ ଗଲେ, ଜୀବନମୁକ୍ତ ପୁରୁଷ ସର୍ବଦା ସତ୍ (ଅସ୍ତିତ୍ୱ), ଚିତ୍ (ଚୈତନ୍ୟ) ଏବଂ ଆନନ୍ଦର ଏକ ଅଖଣ୍ଡ ସ୍ୱରୂପକୁ ଅନୁଭବ କରୁଥାଏ। ଏହା ହିଁ ଅଦ୍ୱୈତ ବେଦାନ୍ତର ମୁକ୍ତି ସିଦ୍ଧାନ୍ତ । ଯାହା ମଣିଷକୁ ନିରାଶାବାଦରୁ ମୁକ୍ତ କରି ଏକ ମହାନ ଆତ୍ମବିଶ୍ୱାସ ଆଡକୁ ଅଗ୍ରସର କରେ। ଆମ ମାନଙ୍କୁ ଏ ସତ୍ ଶାସ୍ତ୍ର ଶିକ୍ଷା ଦିଏ ଯେ ବ୍ରହ୍ମ କୌଣସି ଦୂର ଆକାଶରେ ନାହାନ୍ତି, ବରଂ ସେ ଆମ ଭିତରେ ହିଁ 'ଆତ୍ମା' ରୂପରେ ବିରାଜମାନ କରିଛନ୍ତି। ମଣିଷ ନିଜର ସୀମିତ ଅହଂକୁ ଭୁଲି ଅଖଣ୍ଡ ବ୍ରହ୍ମଭାବରେ ସ୍ଥିତ ହେବା ହିଁ ଚରମ ଉତ୍କର୍ଷର ନିଦର୍ଶନ।


+ଦର୍ଶନ ଅଧ୍ୟାପକ
ସଂସ୍କୃତ ମହାବିଦ୍ୟାଳୟ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ: ୯୮୬୧୩୩୪୮୬୮




# ଜବରଦଖଲ ସମସ୍ୟା ଓ ବୁଲଡୋଜର ନ୍ୟାୟ


ଅଧ୍ୟାପକ ଗୋପବନ୍ଧୁ


ଦେଶରେ ତଥା ରାଜ୍ୟରେ ଜବରଦଖଲକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରୀ ଜମିକୁ ମାଡ଼ିବସି ଘର କରିଛନ୍ତି ଅଥବା ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି, ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଏମାନଙ୍କ ଭିତରେ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣରୂପେ ସରକାରୀ ଜମିକୁ ମାଡ଼ି ବସିଛନ୍ତି, ଯେଉଁମାନେ ଅତିକ୍ରମଣ କରିଛନ୍ତି ଅଥବା କେତେକ ସ୍ଥଳରେ ଯେଉଁମାନେ ସହରମାନଙ୍କରେ ଗୃହ ନକ୍ସା ପାଶ୍ ନକରାଇ ଘର କରିଛନ୍ତି କିମ୍ବା ନକ୍ସା ମୁତାବକ ଘର କରିନାହାଁନ୍ତି। ସ୍ୱଳ୍ପକାଳୀନ ନୋଟିସରେ ଏହିପ୍ରକାର ଘର ବା ପ୍ରତିଷ୍ଠାନ ଗୁଡ଼ିକୁ ବୁଲଡଜର ଲଗାଇ ପ୍ରଶାସନ ଜରିଆରେ ଭଙ୍ଗା ଯାଉଛି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହା ଉପରେ ମୋହର ଲଗାଇଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କେତେକ ଏହା ଏକ ଉଚିତ ପଦକ୍ଷେପ ବୋଲି କହୁଥିବା ବେଳେ ଅନେକେ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ ଏହା ଅନୁଚିତ କର୍ଯ୍ୟବୋଲି ଅବିହିତ କରୁଛନ୍ତି। ଉଭୟ ମତର ଯାଥାର୍ଥ୍ୟତା ରହିଛି। ତେବେ ଉଚ୍ଛେଦ ପଦକ୍ଷେପ କେତେ ବାସ୍ତବମୁଖୀ ତାହାର ଅନୁଶୀଳନ ଜରୁରୀ।

ଦେଶରେ ତଥା ରାଜ୍ୟରେ ଅର୍ଦ୍ଧେକରୁ ଅଧିକ ଘର ଜବରଦଖଲ ଜାଗାରେ କିମ୍ବା ଅତିକ୍ରମଣଭାବେ ଅଥବା ଗୃହ ନକ୍ସା ପାଶ୍ ବିନା ତିଆରି ହୋଇଛି। ଏ ସମସ୍ତ ଘରକୁ ଭାଙ୍ଗିଦେଲେ ଭରତବର୍ଷର ଚିତ୍ର ଯୁଦ୍ଧବିଧ୍ୱସ୍ତ ରାଷ୍ଟ୍ରପରି ଦେଖାଯିବ। ଏହିପ୍ରକାର ନିର୍ମାଣ ପାଇଁ କେବଳ ଅଧିବାସୀଙ୍କ ଘରଭାଙ୍ଗି ଦଣ୍ଡିତ କରିବା ସମ୍ପୂର୍ଣ୍ଣ ନ୍ୟାୟ ନୁହେଁ। ସେ ସମୟରେ ସହରାଞ୍ଚଳର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ଦଣ୍ଡିତ ହେବା ଉଚିତ୍, ଯେଉଁମାନଙ୍କ କୋହଳ ମନୋଭାବ ଯୋଗୁଁ ଏପରି ନିର୍ମାଣ କାର୍ଯ୍ୟ ପରିବ୍ୟାପ୍ତ ହୋଇଛି। ପ୍ରଶାସନର ନୀରବତା ସାଧାରଣ ଲୋକଙ୍କୁ ପ୍ରୋତ୍ସାହିତ କରିଛି ଅବୈଧ ନିର୍ମାଣ କରିବା ପାଇଁ। ଏଥିରେ ସରକାରଙ୍କ ଦୋଷ ଅଧିକ ରହିଛି ସାଧାରଣ ଜନତାଙ୍କ ଅପେକ୍ଷା। ପୂର୍ବ ସରକାର ଓ ପ୍ରଶାସନିକ ଅଧିକାରୀ ଏଦିଗରେ ଆଖିବୁଜି ଦେଇଥିଲେ କାହିଁକି ? ପ୍ରାରମ୍ଭରୁ ରୋକିଥିଲେ ଆଜିର ଏ ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା। ଏବେର ସରକାର ଓ ପ୍ରଶାସନ ପ୍ରତିଶୋଧ ପରାୟଣ ନହୋଇ ଉପାଦେୟ ଓ ଯୁକ୍ତି ସଙ୍ଗତ ଢଙ୍ଗରେ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ୍। ଗୋଟିଏ ଘର ନିର୍ମାଣ ପାଇଁ ଗୋଟିଏ ପରିବାରର ଜୀବନ ସାରାର ଆୟ ବିନିଯୋଗ ହୋଇଥାଏ। ଏହାକୁ ବୁଲଡଜର ଲଗାଇ ଅଳ୍ପ ସମୟରେ ଭାଙ୍ଗି ଦିଆଯାଏ। ଯେଉଁ ଘର ସହିତ ଗୋଟିଏ ପରିବାରର ମାୟାମମତା ଜଡିତ ହୋଇ ରହିଥାଏ। ଏହା ଏକ ସ୍ପର୍ଶକାତର ବିଷୟ।

ଏ ସମ୍ବନ୍ଧରେ ସାଧାରଣ ଲୋକମାନେ ଦେଉଥିବା ମତାମତ ନିମ୍ନମତେ ବିଚାରଯୋଗ୍ୟ। ପ୍ରଥମରେ ଯେଉଁମାନେ ନିଜ ଘର ପରିମିତ ଜାଗା ପରିବର୍ତ୍ତେ ଅଧିକ ସରକାରୀ ଜାଗା ମାଡି ବସିଛନ୍ତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସେହି ଜମିକୁ ଜବରଦଖଲ ମୁକ୍ତ କରାଯାଉ। କିଛି ଜମି ମାଫିଆ ବିଭିନ୍ନ ସହରରେ ମାଡିବାର ଦେଖାଯାଇଛି। ଏମାନେ ଏକର ଏକର ସରକାରୀ ଜାଗାକୁ ନିଜ କବଜାକୁ ନେଇ ପ୍ଲଟକରି ବିକିଛନ୍ତି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏପରି ଅନେକ ଜାଗା ନିଜ କବଜାରେ ଏବେବି ରଖିଛନ୍ତି। ଏହା ସ୍ଥାନୀୟ ଅଧିକାରୀଙ୍କ ଅଜାଣତରେ ହେଉଛି ବୋଲି କହିହେବ ନାହିଁ। ଏପରି ଅନେକ ଅଛନ୍ତି ଯେଉଁମାନେ ସରକାରୀ ଜମିରେ ଘରକରି ଭଡାରେ ଲଗାଇଛନ୍ତି। ଏହି ପ୍ରକାର ଜବରଦଖଲ ଉଚ୍ଛେଦ ହେଉ। ଦ୍ୱିତୀୟରେ ଆଉ କେତେକ ଅଛନ୍ତି ଯେଉଁମାନେ ଡାକ୍ତରଖାନା, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ, ଜାତୀୟ ରାଜପଥ ଓ ରେଳବାଇ ଇତ୍ୟାଦି ଜାଗାରେ ଘର କରି ରହିଛନ୍ତି ତାଙ୍କୁ ମଧ୍ୟ ପ୍ରଶାସନ ତରଫରୁ ରୋକାଯାଇ ନାହିଁ। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଉଚ୍ଛେଦ କରାଯାଉ, କିନ୍ତୁ ଗରୀବ ଓ ଭୂମିହୀନଙ୍କୁ ବିକଳ୍ପ ଜାଗାଦେଇ ଥଇଥାନ କରାଯାଉ।

ତୃତୀୟରେ ଯେଉଁମାନେ ନିଜ ପଟ୍ଟା ଜାଗାରେ ଘର କରିଛନ୍ତି, କିନ୍ତୁ ରାସ୍ତା ଉପରକୁ କିମ୍ବା ସରକାରୀ ଅନୁଷ୍ଠାନର ଜାଗାକୁ ଅତିକ୍ରମ କରିଛନ୍ତି ତାଙ୍କୁ ଅତିକ୍ରମିତ ଜାଗାରୁ ଉଚ୍ଛେଦ କରାଯାଉ। ରାସ୍ତାର ପ୍ରଶସ୍ତୀକରଣ ଅତ୍ୟାବଶ୍ୟକ ବିଷୟ ଅଟେ। ଚତୁର୍ଥରେ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରି ସର୍ବକ୍ଷମା ନୀତି ପ୍ରଣୟନ କରନ୍ତୁ। ଯେଉଁମାନେ ଉକ୍ତ ତାରିଖ ପୂର୍ବରୁ ଗୃହନକ୍ସା ପାଶ ନକରାଇ ଘର କରିଛନ୍ତି ତାଙ୍କୁ କ୍ଷମା ଦେବା ଓ ଯେଉଁମାନେ ନିର୍ବିବାଦୀୟ ସରକାରୀ ଜମିରେ ଘରକରି ଅଛନ୍ତି ତାଙ୍କୁ ମଧ୍ୟ କ୍ଷମା ଦେବା ଏହାର ଅନ୍ତର୍ଗତ ହେଉ। ଏମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ଅଧିକ ପରିମାଣ ଜମି ପାଇଁ ରିହାତି ହାରରେ ଦେୟ ଦେବାର କିମ୍ବା ଜମି ବଦଳରେ ଜମି ଦେବାର ବ୍ୟବସ୍ଥା କରାଯାଉ। ଏହାର ଏକ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇ ସେଟେଲମେଣ୍ଟ କରାଯାଉ। ଅତିକ୍ରମଣ ଜାଗା ଉପରେ ସ୍ଥାୟୀ ନିର୍ମାଣ ଥିଲେ ତା ଉପରେ ମଧ୍ୟ ଦେୟ କିମ୍ବା ବଦଳ ଜାଗା ଦେବାର ବ୍ୟବସ୍ଥା ହେଉ। ଏହାଦ୍ୱାରା ବହୁ ମୂଲ୍ୟବାନ କୋଠା ଓ ପ୍ରତିଷ୍ଠାନକୁ ରକ୍ଷା କରାଯାଇ ପାରିବ। ଏ ସମସ୍ତ ରାଷ୍ଟ୍ରୀୟ ବିକାଶର ଗୋଟିଏ ଗୋଟିଏ କଡି। ଓଡିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ୍ ପ୍ରଣୟନ କରାଯାଇଛି। ଯାହା ଓଡ଼ିଶା ଲେଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡୁଏଲାର୍ସ ଏକ୍ଟ- ୨୦୧୭ ବା ବସ୍ତି ବାସିନ୍ଦା ଆଇନ୍- ୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ମସିହା ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସତ୍ତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣ ପତ୍ର ସହିତ ସମସ୍ତ ପ୍ରକାରର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ମଧ୍ୟ ଯୋଗ୍ୟ ହୋଇଯିବେ। ତେବେ ଏକାର୍ଯ୍ୟ ପୂର୍ବ ସରକାର ସମୟରେ ଅଧାପନ୍ତରିଆ ହୋଇ ରହିଗଲା। ସମସ୍ତ ପଟ୍ଟାବିହୀନଙ୍କ ସର୍ଭେ ହୋଇ ପାରିଲା ନାହିଁ କି ଜମି ଅଧିକାର ପ୍ରମାଣ ପତ୍ର ଦିଆଯାଇ ପାରିଲା ନାହିଁ। ବର୍ତ୍ତମାନର ସରକାର ଏହି ଆଇନ ଉପରେ ଗୁରୁତ୍ୱ ଦେବାପରି ମନେ ହେଉନାହିଁ। ଏହି ନିୟମ ମୁତାବକ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନିତ ହେବା ଜରୁରୀ।

ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଗାଁ ଗହଳିରେ କର୍ମ ନିଯୁକ୍ତିର ଘୋର ଅଭାବ ରହିଛି। ଜନସଂଖ୍ୟା ବଢୁଛି। ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ଏମାନେ କେଉଁ ନାଳ କଡରେ, କେନାଲ କଡରେ, ନଦୀ ପଠାରେ, ରାସ୍ତା କଡରେ, ଟ୍ରେନ ଲାଇନ କଡରେ ଅଥବା ସହର ତଳି ଲଟାଝଟା ସ୍ଥାନରେ ଝୁପୁଡି ଘରଟିଏ କରିରହନ୍ତି। ସମୟକ୍ରମେ ଏହି ଝୁପୁଡି ଘର ଆଜବେଷ୍ଟସ ଘରକୁ ଓ ପରେ ଛୋଟ ପକ୍କା ଘରକୁ ରୂପାନ୍ତରିତ ହୁଏ। କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କିଛି ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟା କରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡି ରହିଛନ୍ତି। କୌଣସି ଲୋକଙ୍କୁ ବାସହୀନ କରିବା ମାନବିକତା ବିରୋଧି କାର୍ଯ୍ୟ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ଯେ ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀମାନଙ୍କୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ଦୁଇଚାରି ଡେସିମିଲ୍ ଜମି ଦେଇ ଥଇଥାନ କରି ପାରିବେ ନାହିଁ କାହିଁକି ?

ବସ୍ତିବାସିନ୍ଦା ନିୟମ-୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବିହିନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମିଅଧିକାର ପ୍ରମାଣ ପତ୍ର ବା ଏଲ୍.ଆର.ସି. ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହାରି ଆଧାରରେ ଅନେକ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନେକେ ପାଇବା ଅପେକ୍ଷାରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନେକଙ୍କ ସର୍ଭେ ହୋଇପାରି ନଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ହେବ ବୋଲି ଶୁଣାଯାଉଛି। କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମି ଉପରେ ଗଢିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍.ଆର.ସି. ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣ ପତ୍ର ବା ଏଲ୍.ଇ.ସି. ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଯାଗାରେ ଜମି ଦିଆଯାଇ ପରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ। ଜମି କିସମ ପରିବର୍ତ୍ତନ ହୋଇ ପାରିଲେ, ଏମାନେ ମଧ୍ୟ ଏଲ୍.ଆର.ସି. ପାଇପାରିବେ ଓ ପଟ୍ଟା ମଧ୍ୟ ପାଇବେ।

ନିୟମ ମୁତାବକ ଦେୟମୁକ୍ତ ଜାଗା ବାଦେ ୪୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଭାବେ ପ୍ରଦାନ ପାଇଁ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଦେୟଯୁକ୍ତ ଯୋଜନା ମାଧ୍ୟମରେ ଏପରି ପଟ୍ଟାବିହୀନଙ୍କ ଥଇଥାନ ଉପଯୋଗୀ ପରି ମନେହୁଏ। ଏହାଦ୍ୱାରା ଜବରଦଖଲରେ ଥିବ ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହିତ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ। ଭାରତବର୍ଷ ପରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ବୁଲଡଜର ନ୍ୟାୟ ନୁହେଁ ମାନବିକତା ଆଧାରରେ ନ୍ୟାୟ ଜରୁରୀ।


+ ବାରିପଦା, ମୟୂରଭଞ୍ଜ
ମୋ: ୯୪୩୮୨୪୮୮୫୪





## ମିଠା ଆଘାତ


ସ୍ୱସ୍ତିକ ଶତପଥୀ


ଉଫ୍... ଏଇ ମହକ।
ଅତୀତର ଏମିତି କିଛି ଦିନ,
ପ୍ରତିବର୍ଷ ମୋ ଜୀବନକୁ
ଫେରି ଆସନ୍ତି।
ଇଚ୍ଛା ନଥାଏ ତଥାପି,
ଅନେକ କିଛି ଆଖିପଲକରେ
ଝଲକ ଦେଇ ଚାଲିଯାଏ।
ସ୍ମୃତି... ନା... ନା... ନା।
ସ୍ମୃତି ନୁହେଁ—
ଏଗୁଡ଼ିକୁ ମିଠା ଆଘାତ କହିଲେ ହେବ।
ଯେମିତି ପଳାଶ ଫୁଲରେ ବାସ୍ନା ନଥାଏ,
ତଥାପି ତା'ରେ ଥାଏ
ଏକ ଅପୂର୍ବ ସୁନ୍ଦରତା।
ଠିକ୍ ସେହିପରି,
କିଛି ଆଘାତ ମନକୁ ଛୁଇଁଯାଏ—
ପରେ ମନେ ପଡ଼ିଗଲେ
କାହିଁକି କେଜାଣି, ଭଲ ଲାଗେ।
ଜାଣେନି ମୁଁ...
ଚାରି ବର୍ଷ ବିତିଗଲା।
ନା ମୁଁ ସେ ସ୍ମୃତି ଭୁଲିପାରୁଛି,
ନା ନିଜେ ଭୁଲିଯିବା ପାଇଁ
କୌଣସି ପ୍ରୟାସ କରୁଛି।
ଆଶ୍ୱିନର ପ୍ରତିଟି ସନ୍ଧ୍ୟା...
ଆଜି ମଧ୍ୟ ଠିକ୍ ସେମିତି ମନେ ହୁଏ।
ନାହିଁ ସେ କ୍ୟାଲେଣ୍ଡର,
ନାହିଁ ସେ ଆଉ ମୋ ଜୀବନରେ,
ନାହିଁ ସେଇ ଜାଗା ମଧ୍ୟ।
ତଥାପି ଅନୁଭବରେ
କିଛି ବି ଫରକ ପଡ଼ିନି।
ଋତୁଚକ୍ର ପରି,
ଠିକ୍ ସମୟ ଆସିଲେ
ସେ ପୁଣି ଫେରି ଆସେ—
ମୋ ଜୀବନର କେଉଁ ଏକ ଶୂନ୍ୟତାରେ
ନିରବରେ ଉଭେଇ ଯାଏ।


+ବାରିପଦା
ମୟୂରଭଞ୍ଜ
ମୋ: ୭୬୮୩୮୪୪୯୬୭


## ବଦଳି ଯାଇଥିବା ଆଦତ


ସଦାଶିବ ବିଶ୍ୱାଳ




କାଲି ପର୍ଯ୍ୟନ୍ତ ଆମେ ବି
ବର୍ଷାରେ ଛମ ଛମ ନାଚୁଥିଲୁ
ଆଜି ଏଇ ବର୍ଷାରେ
କୀଟାଣୁ ଦେଖିବା ଶିଖି ଗଲୁ
ମାଆ କ'ଣ କହିବ ?
କାଲି ପର୍ଯ୍ୟନ୍ତ ଆମେ ବେଫିକର ଥିଲେ
ଆଜି ବର୍ଷାଠାରୁ
ମୋବାଇଲ ବଞ୍ଚାଇବା ଶିଖିଗଲେ
ମୂଷଳଧାର ବର୍ଷା ଯୋଗୁଁ ଛୁଟି ପାଇଁ
କାଲି ପର୍ଯ୍ୟନ୍ତ ଦୁଆ କରୁଥିଲେ
ଏବେ ଡରୁଛନ୍ତି, ବର୍ଷା ହେବା ଯୋଗୁଁ
ଅସୁବିଧା, ଅଫିସ ବନ୍ଦ ହୋଇଗଲେ
କେହି ଏବେ ସତ କହିଲେ
ଏବେ ଆଉ ଆସେ ନାହିଁ
ଛୁଆବେଳ ବର୍ଷା
ଗାଁ ଦାଣ୍ଡରେ ରଣପାର ଜରୁରୀ ନାହିଁ
ଆମେ ନିଜେ ଏବେ,
କାଗଜ ଡ଼ଙ୍ଗା ତିଆରି ଭୁଲିଗଲେ
ବର୍ଷା ଏବେ ବି ବର୍ଷା ହୋଇରହିଛି
ଆମେ ଆମର
ଯୁଗ/ଆଦତ ଭୁଲିଗଲେ ?


+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର



# ଫୁଲଝରି





## ପଟୁମାଟି ତା'ର ଦାନ...

ମମତା ବଗର୍ତ୍ତୀ



ବନ୍ୟା ପାଣି ଯେବେ ଗାଆଁରେ ପଶଇ
ଧୋଇନିଏ ଘର ଦ୍ୱାର
ଭସେଇ ନିଏ ସେ ଗାଇ ଗୋରୁ ଛେଳି
ଶସ୍ୟ କରେ ଛାରଖାର।
ଖାଇବା ଦରବ ନମିଳେ ଲୋକଂକୁ
ରିଲିଫରେ ପୂରେ ପେଟ
ଜ୍ୱର ଝାଡା ବାନ୍ତି ବ୍ୟାପେ ଘରେ ଘରେ
ହଜିଯାଏ ବୁଦ୍ଧି ବାଟ।
ବନ୍ୟା ଦେଇଥାଏ ଅନେକ କଷଣ
ନଭୁଲଇ କେବେ ମନ
ଦୁଃଖ ଦିଏ ସତ କରେ ଏକ ହିତ
ଦେଇ ପଟୁମାଟି ଦାନ।
ବନ୍ୟା ଜଳ ଆସି ବିଲ ଓ ବାଡିରେ
ବିଛାଏ ମାଟିର ସ୍ତର
ତାକୁ ଦେଖି ଚାଷୀ ହୁଏ ଆନନ୍ଦିତ
କରେ ସେ ଜମି ଉର୍ବର।
ଜୈବସାରେ ଭରା ପଟୁମାଟି ଯୋଗୁଁ
ସୁନାର ଫସଲ ଫଳେ
ଲାଭବାନ ହୁଏ ଚଷାପୁଅ ଆମ
ବନ୍ୟା ଦୁଃଖ ଧିରେ ଭୁଲେ।
ଦୁଃଖ ପରେ ସୁଖ ଆସଇ ଜୀବନେ
ଦୁଃଖ ଭୁଲି ହସେ ପ୍ରାଣ
ଅନେକ ଯାତନା ଦିଏ ସିନା ବନ୍ୟା
ପଟୁମାଟି ତା'ର ଦାନ।


+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ପାଠ ଠାକୁର

ପ୍ରକାଶ ଚନ୍ଦ୍ର ଦାଶ



ପାଠ ଠାକୁର ହେ ପାଠ ଦିଅଁ,
ଡାକୁଛୁ ଯେତେକ ପୁଅ, ଝିଅ।
ସବୁ କାମ ତୁମେ କରି ପଛ,
ମୂଷିକ ବାହନେ ଆସିଅଛ।

ଆସିଅଛ ବରଷକ ପରେ,
ପୂଜା ପାଉଅଛ ଘରେ ଘରେ ।
ଆମେ ସବୁ ତୁମ ପୂଜା ଜାଣି,
ବଡ଼ିସକାଳରୁ ଉଠିଲୁଣି ।

ଗାଧୁଆପାଧୁଆ କରି ଶେଷ,
ନୂଆ ପୋଷାକରେ ହୋଇ ବେଶ ।
ଭୋଗଡାଲା ସବୁ ହାତେ ଧରି,
ବାହାରିଗଲୁଣି ଥିରି ଥିରି ।

ଆଉ ସବୁ କଥା ଭୁଲିଯାଇ,
ଲାଗିଲୁଣି ତୁମ ପୂଜା ପାଇଁ ।
ପୂଜା ସାରି ଦେବୁ ପୁଷ୍ପାଞ୍ଜଳି,
କରିବୁ ତୁମକୁ ଏହି ଅଳି ।

ଜ୍ଞାନଗଙ୍ଗା ଧାର ଯାଉ ବହି,
ମୂରୁଖ ଏଠି ନ ରହୁ କେହି ।
ପଢି ସବୁ ଏଠି ଭଲ ପାଠ,
ସଭିଏଁ ହୁଅନ୍ତୁ ଭଲ ଚାଟ ।


+ ଫ୍ଲାଟ ନଂ -ସି /୩୦୪
ଗୌରୀଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର -୭୫୧୦୦୨
ମୋ: ୯୯୩୮୯୬୩୦୯୪


## ଫୁଲଟିଏ ମୁଁ ଫୁଲଟିଏ

ମମତା ବଗର୍ତ୍ତୀ



ଫୁଲ ଟିଏ ମୁଁ ଫୁଲଟିଏ
ଦେଖିବାକୁ ଭାରି ସୁନ୍ଦର,
ସଭିଏଁ ଦେଖି ମୋତେ
କରିଥାନ୍ତି ଭାରି ଆଦର ।

ଗୋଲାପୀ ନାଲି ହଳଦୀ
କେତେ ଯେ ମୁଁ ରଙ୍ଗର,
ସାଜସଜ୍ଜା ଓ ପୂଜାରେ
ହୋଇଥାଏ ମୁଁ ବ୍ୟବହାର ।

ରାତି ଅଧରୁ ତୋଳି ମୋତେ
ମାଳା କରିଥାନ୍ତି ତିଆରି,
ସତେଜ କୋମଳ ମୋ ରୂପ
ଲୋଭ କରନ୍ତି ମୋତେ ଭାରି ।

ଗଛ ଅଟଇ ମୋର ଘର
ଜଳେ ସ୍ଥଳେ ଓ ପାହାଡେ,
ପରବର୍ତ୍ତୀ ସମୟରେ ମଉଳି
ପତ୍ର ସହ ମୁଁ ଝଡି ପଡେ ।।

ଫୁଲ ଟିଏ ମୁଁ ଫୁଲଟିଏ
ବେଳେବେଳେ ସାଜେ ଉପହାର,
ସୁଗନ୍ଧ ଚହଟାଇ ଚତୁଃର୍ଦ୍ଦିଗେ
ଓଠେ ଖେଳାଏ ହସ ବାରମ୍ବାର ।।


+ବଲାଙ୍ଗୀର


ବିଜ୍ଞାନ ଗବାକ୍ଷ-୧୬

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ପ୍ରକୃତିର ରୋଷ

ହିମାଳୟରେ ହାହାକାର। ପ୍ରଳୟ ରଚିଲା ପ୍ରକୃତି। ପୁଣିଥରେ ହିମବାହ ବା ଗ୍ଲାସିୟର ସ୍ଖଳନ ସୃଷ୍ଟି କଲା ଭୟଙ୍କର ବିପର୍ଯ୍ୟୟ। ଭାସିଗଲେ ଶହ ଶହ ମଣିଷ ଏବଂ ଜୀବଜନ୍ତୁ। ଭାଙ୍ଗିଗଲା ସୁଉଚ୍ଚ ଅଟ୍ଟାଳିକା, ଘର, ପୋଲ ଏବଂ ପାହାଡ଼।

ଘଟଣାଟି ଘଟିଥିଲା ଏହିପରି। ୨୦୨୬ ଅଗଷ୍ଟ ମାସ ୨୬ ତାରିଖ, ତିବ୍ବତରେ ଥିବା ଲଙ୍ଗଟାଙ୍ଗ ପର୍ବତର ଶିଖରରୁ (ପ୍ରାୟ ୧୬୪୦୦ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ପର୍ବତ) ଏକ ବଡ଼ ହିମବାହ ବା ଗ୍ଲାସିୟର ଏବଂ ପର୍ବତର ଏକ ଅଂଶ ଭାଙ୍ଗି ତଳକୁ ଖସି ପଡ଼ିଲା। ଏହି ପତନ ଏତେ ଶକ୍ତିଶାଳୀ ଥିଲା ଯେ ପତନ ଯାଗାରେ ରିକ୍ଟର ସ୍କେଲରେ ୫.୨ ତୀବ୍ରତାର ଏକ କମ୍ପନ ସୃଷ୍ଟି କରିଥିଲା। ଲୋକ ମାନେ ଭାବୁଥିଲେ ଏହା ଏକ ଭୂକମ୍ପ, ମାତ୍ର ତାର କାରଣ ଥିଲା ହିମବାହର ପତନ।

ଏ ପର୍ଯ୍ୟନ୍ତ ଯାହା ଖବର ମିଳିଛି, ହଜାରରୁ ଅଧିକ ଲୋକ ମୃତ, ଅନେକ ଲୋକ ନିଖୋଜ। ଅନେକ ଦିନ ଲାଗିପାରେ ସଠିକତା ସହିତ କହିବାକୁ କେତେ ଲୋକ ପ୍ରାଣ ହରାଇଲେ ଓ କେତେ ଧନସମ୍ପଦ ନଷ୍ଟ ହେଲା। ଏ ପ୍ରାକୃତିକ ବିପର୍ଯ୍ୟୟ ପରେ ବିଭିନ୍ନ ଯାଗାରୁ ଯାହା ଖବର ଆସୁଛି, ସେ ସବୁ ନିଶ୍ଚୟ ହୃଦୟ ବିଦାକର। କୁକୁରଟିଏ କାଦୁଅରେ ତା ମାଲିକ ଘର, ଏବେ ଯାହା ଧ୍ୱଂସ ହୋଇଯାଇଛି, ଆଗରେ ଶୋଇ ରହିଛି। ସେ ଯାଗା ଛାଡ଼ିଯିବାକୁ ପ୍ରସ୍ତୁତ ନୁହେଁ। ଇମିଗ୍ରେସନ୍ କେନ୍ଦ୍ରରେ ଏକତ୍ରିତ ହୋଇଥିବା ଅନେକ ଲୋକମାତ୍ର ପାଂଚମିନିଟରେ ଭାସିଗଲେ ଯାହାଙ୍କ ପତ୍ତା ମିଳୁନି। ଏ ଭୀଷଣ ବିପର୍ଯ୍ୟୟ ଭିତରେ ବଂଚି ଯାଇଛନ୍ତି ଜଣେ ନବେ ବର୍ଷରୁ ଅଧିକ ବୟସର ବୃଦ୍ଧା, ଦୁଇଟି ଛୋଟ ଛୋଟ ଝିଅ ଆଗାମୀ ଦିନରେ ଆହୁରି ଅନେକ ହୃଦୟ ବିଦାରକ ଖବର ଆସିବ।

ଏଇଠି ପ୍ରଶ୍ନ ଉଠୁଛି- ଏ ପ୍ରାକୃତିକ ବିପର୍ଯ୍ୟୟ ଘଟିଲା କାହିଁକି? ଏହାକୁ ଏଡ଼େଇ ଦେଇ ପାରିଥାନ୍ତେ କି? ଅନେକ ପ୍ରଶ୍ନ ଆଜି ଉତ୍ତର ଅପେକ୍ଷାରେ।



ଏ ଘଟଣା ଜନମାନସରୁ କିଛି ଦିନରେ ଲିଭିଯିବ, ମାତ୍ର ଏ ଭୟଙ୍କର ବିପର୍ଯ୍ୟୟକୁ ଭୁଲିପାରିବେନି ନେପାଳବାସୀ। ଅତୀତରେ ହିମାଳୟ ପର୍ବତ ଅଂଚଳରେ ଏପରି ଅନେକ ଘଟଣା ଘଟିଛି। ଉତ୍ତରାଖଣ୍ଡର ବାଦଲଫଟା ବର୍ଷା, ହିମାଚଳ ଓ ସିକିମିରେ ହିମବାହ ସ୍ଖଳନ ଓ ଆହୁରି ଅନେକ ଘଟଣା ମଣିଷ ଜାତିକୁ ଚେତେଇ ଦେବାକୁ ଚେଷ୍ଟା କରିଛି, ପରିବେଶରେ ସନ୍ତୁଳନ ନରହିଲେ, ବିଶ୍ୱ ଉଷ୍ମୀକରଣ ଲାଗିରହିଲେ, ଏସବୁ ଘଟଣା ବାରମ୍ୱାର ଘଟିବେ।

ଉନ୍ନତ ଦେଶମାନେ ଚିନ୍ତା କରୁଛନ୍ତି କି- ସେମାନେ ବାୟୁ ମଣ୍ଡଳକୁ ଛାଡୁଥିବା ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ ବିଶ୍ୱ ଉଷ୍ମୀକରଣର କାରଣ। ବୌଦ୍ଧିକ ଆଲୋଚନାରେ ସୀମିତ ରହିଛି ସବୁକଥା। ଆସନ୍ତା ପଚାଶବର୍ଷରେ ବିଶ୍ୱ ଉଷ୍ମୀକରଣ ଲାଗି କୁମେରୁ, ସୁମେରୁ ଓ ଉଚ୍ଚ ପର୍ବତମାନଙ୍କରେ ଏତେ ପରିମାଣର ବରଫ ତରଳିବ ଯେ ତାହା ପୃଥିବୀର ସମୁଦ୍ର, ମହାସମୁଦ୍ରଙ୍କ ଜଳର ଉଚ୍ଚତା ବଢ଼ାଇ ନ୍ୟୁୟକ, ମୁମ୍ବାଇ ପରି ଅନେକ ସହରକୁ ଜଳମଗ୍ନ କରିବ।

ବିଶ୍ୱ ଉଷ୍ମୀକରଣ ସହିତ ମଣିଷର ଉନ୍ନତି ନାଁରେ ପ୍ରକୃତି ଉପରେ ଅତ୍ୟାଚାର ନେପାଳରେ ଘଟିଥିବା ବିପର୍ଯ୍ୟୟର ଅନ୍ୟ ଏକ କାରଣ। ହିମାଳୟର ଅନେକ ଅଂଚଳ ଆଜି କ୍ଷତିଗ୍ରସ୍ତ। ପ୍ରକୃତି ସହିତ ତାଳ ମେଳରେ ଉନ୍ନତି ଉନ୍ନତି କାର୍ଯ୍ୟ ହେଲେ ଆମେ ଅନେକ ବିପର୍ଯ୍ୟୟରୁ ବଂଚିପାରିବା। ମାତ୍ର ତାହା ହେଉନାହିଁ। ବର୍ଦ୍ଧିତ ଜନସଂଖ୍ୟା ହିମାଳୟର ବିଭିନ୍ନ ଭାଗରେ ବସତି ସ୍ଥାପନ କରି ଉନ୍ନତି ନାଁରେ ପ୍ରକୃତିକୁ ଲୁଣ୍ଠନ କରୁଛନ୍ତତି। ପ୍ରକୃତି ଯେ ରାଗିପାରେ- ଏ କଥା ଆମେ ଭୁଲି ଯାଉଛେ।

ଅନ୍ୟ ପ୍ରଶ୍ନଟି ଉଠୁଛି- ହିମାଳୟକୁ ନେଇ। ପ୍ରଶ୍ନ ଉଠୁଛି- ହିମାଳୟ କାହାର? ହିମାଳୟରେ ସନ୍ତୁଳନ ରକ୍ଷା କରିବାକୁ କୌଣସି ଆନ୍ତର୍ଜାତିକ ସଂସ୍ଥା ଅଛି କି? ଏହାଠାରୁ ସୁରକ୍ଷା, ସୁବିଧା ପାଉଥିବା ଦେଶମାନେ ଚିନ୍ତା କରୁଛନ୍ତି କି ହିମାଳୟକୁ ସୁରକ୍ଷିତ ରଖିଲେ ସେମାନେ ସୁରକ୍ଷିତ ରହିବେ। ସମୟ ଆସିଛି- ହିମାଳୟକୁ ବୁଝିବାକୁ ଏବଂ ସେଠାରେ ସନ୍ତୁଳନ ରଖିବାକୁ ।

(କ୍ରମଶଃ)


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮




ପ୍ରଶାନ୍ତ କୁମାର ନାୟକ

# ଇଚ୍ଛାଧାରି ମୁଦି



ଅନେକ ଦିନର ତଳର କଥା । ଦୁର୍ଗାପୁର ନାମକ ଗୋଟିଏ ଗାଁ ଥିଲା । ଏହି ଗାଁର ଗ୍ରାମ ଦେବତୀ ସ୍ୱୟଂ ଦେବୀ ଦୁର୍ଗା ଥିବାରୁ ତାଙ୍କରି ନାମ ଅନୁସାରେ ସେହି ଗାଁର ନାଁ ଦୁର୍ଗାପୁର ଥିଲା। ସେହି ଗାଁରେ ରମା ନାମକ ଜଣେ ଗରିବ ମହିଳାଙ୍କ ଘର । ଗରିବ ହେଲେ ମଧ୍ୟ ସେ ଜଣେ ପରୋପକାରୀ,ଭଦ୍ର, ନମ୍ର ସ୍ୱଭାବର ଥିଲେ । ସ୍ୱାମୀ ବାସୁ, ଏକମାତ୍ର ପୁଅ ରାଜୁ ଓ ଶାଶୁଙ୍କୁ ନେଇ ତା'ର ଛୋଟିଆ ପରିବାର ।

ଗାଁର ଛୁଆଠାରୁ ବୁଢାଯାଏ ସମସ୍ତେ ରମାକୁ ଭଲ ପାଆନ୍ତି । ସମସ୍ତଙ୍କ ମଧ୍ୟରେ ପଡିଶାଘର ମିଲି ଭାଉଜ ରମାର ଅତି ପ୍ରିୟ । ଉଭୟଙ୍କ ଘରେ ଯାହା ରୋଷେଇବାସ ହୁଏ ଉଭୟେ ଦିଆନିଆ ହୁଅନ୍ତି । ପୁଅ ରାଜୁ ଗାଁ ସ୍କୁଲରେ ପାଠ ପଢେ । ସ୍ୱାମୀ ସକାଳେ ଖିଆପିଆ କରି ସବୁଦିନ କାମକୁ ବାହାରି ଯାଆନ୍ତି । କେତେବେଳେ କାମ ମିଳିଯାଏ ତ କେତେବେଳେ ମିଳେନି । ଶାଶୁ ଖାଇସାରି ଖାସ୍ ଗାଁର ସ୍ତ୍ରୀଲୋକଙ୍କ ସହିତ ଗପସପରେ ମାତି ଯାଆନ୍ତି । ଏହା ତାଙ୍କର ନିତିଦିନିଆ କାମ।

ରମା ଭାରି ସଂସ୍କାରୀ ଓ ସବୁଦିନେ ଦୁର୍ଗା ମାତାଙ୍କ ପୂଜା ଅର୍ଚ୍ଚନା କରେ । ଏଥିରେ ସେ ଏକଦମ ନିଷ୍ଠାପର ।

ଏହିଭଳି ଭଲରେ ମନ୍ଦରେ କିଛିଦିନ ବିତିଗଲା । ଦଶହରା ପର୍ବ ପାଖେଇ ଆସିଲା। ସବୁବର୍ଷ ଭଳି ଏବର୍ଷ ମଧ୍ୟ ଧୁମଧାମରେ ମାଆଙ୍କର ପୂଜା କରିବାପାଇଁ ଗ୍ରାମବାସୀମାନେ ସଭାକରି ନିଷ୍ପତ୍ତି ନେଲେ । ସେଥିପାଇଁ ଘରପିଛା ଏକ ହଜାର ଟଙ୍କା ଲେଖାଏ ଚାନ୍ଦା ସ୍ଥିରୀକୃତ ହେଲା । ରମାର ପରିବାର ଏମିତିରେ ତ ଅଭାବ ଅସୁବିଧାରେ ଚଳୁଥିଲେ। ଏଥିରେ ପୁଣି ହଜାରେ ଟଙ୍କାର ଚାନ୍ଦା । ଯାହାହେଉ ମାଆଙ୍କର ପୂଜା , ଯେମିତି ହେଲେ ଦେବାକୁ ହେବ। ନହେଲେ ଦୁର୍ଗା ମାଆ ରୁଷ୍ଟ ହେବେ । ଏକଥା ବି ମନରେ ଭୟ ସୃଷ୍ଟି କରୁଥାଏ । ସ୍ୱାମୀ ବାସୁ ରମାକୁ ସାନ୍ତ୍ୱନା ଦେଲେଯେ, ତୁମେ ଜମା ବ୍ୟସ୍ତ ହୁଅନି, ମାଆଙ୍କର ପୂଜା ଚାନ୍ଦା ଯେମିତି ହେଲେ ଯୋଗାଡକରି ଦେବା । ଦରକାର ପଡିଲେ ମୁଁ ଦିନରାତି ଖଟିବି । ଏମିତି ବିଚାର କରୁକରୁ ହଠାତ୍ କଳାହାଣ୍ଡିଆ ମେଘ କେଉଁଠି ଥିଲା କେଜାଣି ବରଷିଗଲା । ଏମିତି ବର୍ଷିଲାଯେ ଥମିବାର ନାଁ ଧରିଲାନି ଜମା । ତିନିଦିନ ହେଲା ବର୍ଷା ଜମାବି ଛାଡିଲାନି । ବୋଝ ଉପରେ ନଳିତା ବିଡା ଭଳି ବୋଧ ହେଲା । ଘରେ ଯାହା କିଛି ଖାଇବାକୁ ଥିଲା ସବୁ ସରିଗଲା । ଏମିତିକି ଚୁଡା ମୁଢି ବି ନାହିଁ । ତିନିଦିନ ହେବ ଖିଆପିଆର ଠିକ୍ ଠିକଣା ନାହିଁ । ବଡମାନେ ତ ଭୋକ ସମ୍ଭାଳି ପାରିଲେନି, ଆଉ ଛୋଟପିଲା ରାଜୁ । ସିଏତ ଭୋକ ବିକଳରେ କାନ୍ଦିବାକୁ ଲାଗିଲା । ରାଜୁର କାନ୍ଦଶୁଣି ପଡିଶାଘର ଭାଉଜ ମିଲି କଣ ହେଲା ଭାବି ଦଉଡି ଆସିଲା । ରମାଠାରୁ ସବୁ ଶୁଣି ମିଲି ଭାଉଜ ଅନେକ ମନଦୁଃଖ କଲା । କହିଲା ରମା ତୁ ଯଦି ମୋତେ ନିଜର ଭାବି ଥାଆନ୍ତୁ ତେବେ ମୋତେ ତ କହି ପାରିଥାଆନ୍ତୁ। ଏତେ ଅସୁବିଧା ହେଲାଣି ଆଜିଯାଏ ମୋତେ ଜଣେଇନୁ । ଝଡିବରଷା ପାଇଁ ମୁଁ ଯାଇଆସି ପାରିନି ବୋଲି ତୋ ଅସୁବିଧା କଥା ଜାଣି ପାରିଲିନି । ହଉ ରହ ମୁଁ ଘରୁକିଛି ଦରବ ନେଇ ଆସୁଛି । ମିଲି ସଙ୍ଗେସଙ୍ଗେ ନିଜ ଘରୁ ଚୁଡା, ମୁଢି, ବିସ୍କୁଟ ସବୁ ଆଗ ଆଣିଦେଲା । କହିଲା ଏସବୁ ଟିକେ ଖାଇନିଅ । ପରେ ରୋଷେଇ କରିବ । କିଛି ସମୟପରେ ପୁଣି ଚାଉଳ, ଡାଲି, ତେଲ, ଲୁଣ ସବୁ ରୋଷେଇ ସରଞ୍ଜାମ ଆଣିଦେଲା । ଏସବୁ ଦେଖି ରମା ମିଲି ଭାଉଜକୁ କୁଣ୍ଢେଇ କେତେ କାନ୍ଦିଲା । କହିଲା ଭାଉଜ ଆଜି ତମେ ନଥିଲେ ଆମର ଅବସ୍ଥା କ'ଣ ଯେ ହେଇଥାଆନ୍ତା । ମିଲି ରମାକୁ ବୁଝେଇଲା, ଆରେ ସେମିତି କିଛି ଭାବନି। ଜଣେ ପଡିଶାର କର୍ତ୍ତବ୍ୟ ଏମିତି ହେବା ଉଚିତ। ଆଜି ତୋର ଅସୁବିଧା ହେଲା, କାଲି ମୋର ହେଇପାରେ । ଆମେଯଦି ଜଣେ ଜଣକର ସୁଖଦୁଃଖରେ ସାହା ହେବା ତେବେ କାହାର କିଛି ଅସୁବିଧା ହେବନି ।

ମିଲି ଭାଉଜର କଥାଶୁଣି ସମସ୍ତେ ମିଶି ଚୁଡା ମୁଢି, ବିସ୍କୁଟ ଖାଇଲେ । ଖାଇସାରି ରାଜୁ ସାଙ୍ଗ ଘରକୁ ଚାଲିଗଲା ଖେଳିବାକୁ । ରମା ମଧ୍ୟ ରୋଷେଇ ବସେଇଲା । ରୋଷେଇ ସରିବାରୁ ସ୍ୱାମୀ ଓ ଶାଶୁଙ୍କୁ ଖାଇବା ପରଶୁ ପରଶୁ ଅଗଣାରେ କେହିଜଣେ ଡାକ ପକଉଥିଲେ ମାଆ ଗଣ୍ଡେ ଖାଇବାକୁ ଦିଅ । ଦିଦିନ ହେବ କିଛି ଖାଇନି । ଭଗବାନ ତୁମର ମଙ୍ଗଳ କରିବେ । ରମା ଏହାଶୁଣି ଖାଇବା ଅଧା ବଢା ଅବସ୍ଥାରେ ଅଗଣାରେ ଯାଇ ଦେଖେତ ଜଣେ ବୃଦ୍ଧା ମହିଳା ବଙ୍କୁଲି ବାଡିଟିଏ ଧରି ଠିଆ ହୋଇଛନ୍ତି । ତାଙ୍କର ଚମ ଧୁଡୁଧୁଡୁ ଓ ଧୋବ ଫରଫର ବାଳ । ଅଣ୍ଟା ସଳଖି ବି ଠିଆହୋଇ ପାରୁ ନାହାନ୍ତି । ରମା ପଚାରିଲା ତୁମେ କିଏ ମାଉସୀ, ତୁମ ଗାଁ କେଉଁଠି, ମୁଁ ତ ଆଗରୁ କେବେ ତୁମକୁ ଏଇ ଗାଁରେ ଦେଖିନି । ବୃଦ୍ଧାଜଣକ ଉତ୍ତର ଦେଲେ ମାଆ ମୋର କୌଣସି ଘରଦ୍ୱାର ନାହିଁ । ଏମିତି ମାଗିଯାଚି ଚଳେ ଓ କେବେ କାହା ପିଣ୍ଡାରେ ତ କେତେବେଳେ କେଉଁ ଗଛମୂଳେ ଶୋଇଯାଏ । ଦୁଇଦିନ ହେଲା ଏଇ ବରଷାପାଇଁ କୁଆଡେ ଯାଇପାରିନି, କିଛିବି ଖାଇନି । ଭୋକରେ ମୋ ପେଟ ଜଳିଯାଉଛି ମା' । ମୋତେ ଗଣ୍ଡେ ଖାଇବାକୁ ଦେ, ଭଗବାନ ତୋର ମଙ୍ଗଳ କରିବେ । ରମା ଦେଖିଲା ଯେତିକି ରୋଷେଇ ହେଇଛି ସେତିକି ତା'ର ଚାରିପ୍ରାଣୀ କୁଟୁମ୍ବକୁ ନିଅଣ୍ଟ , ଏଥିରେ ପୁଣି ଏ ମାଉସୀ କଥା । ଏକଥା ବି ସ୍ଥିର କଲାଯେ, କୌଣସି ଭିକାରୀଙ୍କୁ ଅଗଣାରୁ ଖାଲିହାତରେ ଫେରେଇବା ଈଶ୍ୱରଦ୍ରୋହି ସଙ୍ଗେ ସମାନ । ସେପଟେ ଅଧାବଢା ଅବସ୍ଥାରେ ସ୍ୱାମୀ ଓ ଶାଶୁ ବସିଛନ୍ତି ଖାଇବାପାଇଁ । ରମାର ଫେରିବା ଡେରିହେବା ଦେଖି ଶାଶୁ ଅଗଣାକୁ ଆସି ଦେଖିଲେ ଓ ସବୁ ଶୁଣି ରାଗିକି ପଞ୍ଚମ ହୋଇଗଲେ। କହିଲେ ଏଠି କିଛି ଖାଇବାକୁ ମିଳିବନି । ରମାକୁ କହିଲେ ଦେଖ୍ ରମା ତୁ ଜମାରୁ ସେ ସ୍ତ୍ରୀଲୋକଙ୍କ କଥାରେ ପଡନି। ସେ ଠକ କି ଚୋର ହୋଇଥିବେ । ଆଜିକାଲି ତ ପିଲା ଚୋରି ବି ହେଉଛି । ଅସୁବିଧାରେ ପଡିବୁ। ଏମିତି କହି ରମାର ହାତଧରି ଭିତରକୁ ଟାଣି ନେଇଗଲେ ଓ ଭିତରପଟୁ କବାଟ କିଳି ଦେଲେ।

ରମା ଘର ଭିତରେ ବଢାବଢି କଲାବେଳେ ପୁଣି ସେଇ ବୃଦ୍ଧାଙ୍କର ବିକଳ ସ୍ୱର ଶୁଣିଲେ । ଶାଶୁ ମନାକଲେପରେ ମଧ୍ୟ ସେ କବାଟ ଖୋଲି ବାହାରକୁ ଆସିଲା । ବାରଣ୍ଡାରେ ସେଇ ବୃଦ୍ଧା ମହିଳାଙ୍କୁ ବସିବାକୁ କହି ଘରୁ ଖାଇବା ନେଇଆସିଲା । ଅତି ଆନନ୍ଦରେ ବୃଦ୍ଧାଜଣକ ଖାଉଥାଆନ୍ତି। ଖାଇବାବେଳେ କହୁଥାଆନ୍ତି ମା' ତୁ ତ ଖୁବ୍ ସୁନ୍ଦର ରୋଷେଇ କରୁଛୁ । ତୋ ହାତ ରନ୍ଧା ଭାରି ସୁଆଦିଆ । ଆଉଟିକେ ଦେ। ଏମିତି ଥରକୁ ଥର ସେ କହୁଥାଆନ୍ତି ଆଉ ରମା ଆଣି ପରଶି ଦେଉଥାଏ । ଦେଖୁଦେଖୁ ସବୁ ଖାଦ୍ୟ ସରିଗଲା । ରମା ତ ରମା , ପୁଅ ରାଜୁପାଇଁ ବି ହାଣ୍ଡିରେ କିଛି ନଥିଲା । ଚିନ୍ତାରେ ପଡିଲା ରମା । ସିଏ ସିନା ପେଜପାଣି ଟିକେ ପିଇ ସମ୍ଭାଳିଯିବ, ହେଲେ ରାଜୁଟା କ'ଣ କରିବ। ଏହା ଭାବିଭାବି ମନରେ ସେ ଦୁଃଖିତ ହେଉଥିଲା ସିନା କିନ୍ତୁ ଜଣେ ଗରିବ ଭୋକିଲା ବୃଦ୍ଧାଙ୍କୁ ମୁଠାଏ ଖୁଆଇ ପାରିଥିବାରୁ ଖୁସି ମଧ୍ୟ ହେଉଥିଲା । କାରଣ ଅନ୍ନ ଦାନ ମହାପୁଣ୍ୟ ସେ ଜାଣିଥିଲା । ଏତିକିବେଳେ ରାଜୁ , ବୋଉ ବୋଉ ମୋତେ ଖାଇବାକୁ ଦେ , ଜୋରରେ ଭୋକ ହେଲାଣି କହି ରୋଷେଇ ଘରକୁ ଦଉଡିଲା। ଦେଖିଲା ସବୁ ହାଣ୍ଡି କଡେଇ ଖାଲି ପଡିଛି । ରାଗରେ ହାଣ୍ଡି କଡେଇ ସବୁ ବାଡେଇକି ଭାଙ୍ଗିଦେଲା । ରମା ଏସବୁ ଦେଖି ଅଧିକ ମନଦୁଃଖ କଲା ଓ ତା ଆଖିରୁ ଲୁହ ବହିବାକୁ ଲାଗିଲା । ଘରୁ ବାହାରକୁ ଆସିବାପରେ ରମାର ମୁଖମଣ୍ଡଳ ଦେଖି ସେଇ ବୃଦ୍ଧାଜଣକ କହିଲେ କଣ ହେଲା ମାଆ, ତୁ ମନ ଦୁଃଖ କାହିଁକି କରୁଛୁ। ମୁଁ ତୋର ସବୁ ଖାଦ୍ୟ ଖାଇଦେଇଛି ବୋଲି ମନଦୁଃଖ କରୁଛୁ କି । ରମା କହିଲା ନାହିଁ ମାଉସୀ, ସେମିତି କିଛି ନାହିଁ । ବର୍ଷାପାଇଁ କିଛି କାମଧନ୍ଦା ନମିଳିବାରୁ ତିନିଦିନ ହେବ ଘରେ ଚୁଲି ଜଳିନଥିଲା। ପଡିଶାଘର ଭାଉଜ କିଛି ଦରବ ଦେବାରୁ ସେତକ ରୋଷେଇ କରିଥିଲି । ପୁଅଟା ପାଇଁ କିଛି ଖାଇବା ନଥିବାରୁ ସେ ରାଗ ଓ ଭୋକ ବିକଳରେ ସବୁ ହାଣ୍ଡି କଡେଇ ବାଡେଇକି ଭାଙ୍ଗି ଦେଇଛି । ଏହାପରେ ବୃଦ୍ଧାଜଣକ କହିଲେ ଓହୋ ଏଇ କଥାପାଇଁ ତୁ ମନ ଦୁଃଖ କରୁଛୁ । ଏହାକହି ନିଜ ଆଙ୍ଗୁଠିରୁ ଗୋଟିଏ ମୁଦି କାଢି ରମାକୁ ଦେଲେ । କହିଲେ ଇଏ ହେଉଛି ଇଚ୍ଛାଧାରୀ ମୁଦି। ତୁ ଯେତେବେଳେ ଅସୁବିଧାରେ ପଡିଥିବୁ ସେତେବେଳେ ମା' ଦୁର୍ଗାଙ୍କୁ ମନରେ ସ୍ମରଣକରି ଏଇ ମୁଦିକୁ ଶ୍ରଦ୍ଧାରେ ତୁ ଯାହା ମାଗିବୁ ତୋତେ ତାହା ମିଳିଯିବ । ହଁ ଗୋଟିଏ କଥା ମନେ ରଖିବୁ ମା', କେତେବେଳେ କାହାର ଅମଙ୍ଗଳ ଉଦ୍ଦେଶ୍ୟରେ ଏହାର ବ୍ୟବହାର କରିବୁନି, ନହେଲେ ଏହା ତୋ ପାଖରୁ ଅନ୍ତର୍ଦ୍ଧାନ ହୋଇଯିବ। ସବୁବେଳେ ଭଲ କାମପାଇଁ ଓ ଅନ୍ୟର ମଙ୍ଗଳ ନିମିତ୍ତ ବ୍ୟବହାର କରିବୁ । ଏମିତି କଥାଶୁଣି ରମା ମନେମନେ ଭାବିଲା ଯଦି ଏହି ମୁଦିର ଏତେ ଚମତ୍କାରିତା ଅଛି ତେବେ ଏ ମାଉସୀ ଏମିତି ବୁଲିବୁଲି ଭିକ୍ଷାବୃତ୍ତି କାହିଁକି କରୁଛନ୍ତି ? ସେ କହିଲା ମାଉସୀ ତୁମେ ମଜା କରୁନ ତ ମୋ ସହିତ । ବୃଦ୍ଧାଜଣକ କହିଲେ ନାହିଁ ଝିଅ, ତୋର କଣ ବିଶ୍ୱାସ ହେଉନି । ତେବେ ତୋ ପୁଅ କିଛି ନଖାଇକି ରାଗିକି ବସିଛି ବା, ତାକୁ ଡାକ ଏବଂ ସେ କ'ଣ ଖାଇବ ପଚାର। ଖାଲି ତାକୁ କାହିଁକି ତୋ ସ୍ୱାମୀ ଓ ଶାଶୁଙ୍କୁ ବି ଡାକ । ସମସ୍ତେ ଏକାଠି ହେଲେ । ବୃଦ୍ଧା ରାଜୁକୁ ପଚାରିଲେ ରାଜୁ , ତୋର କଣ ଖାଇବାକୁ ଇଚ୍ଛା ଅଛି କହ । ରାଜୁ ଛୋଟ ପିଲାଟା, କହିଲା ରସଗୋଲା ମେଞ୍ଚାଏ ଓ ଖିରୀ ଦରକାର। ତାପରେ ବୃଦ୍ଧାଜଣକ ରମାକୁ କହିଲେ ମା' ରାଜୁ ଯାହା କହିଲା ତୋର ଆରାଧ୍ୟ ଦେବୀଙ୍କୁ ସ୍ମରଣକରି ମୁଦିକୁ ତାହା ମାଗ୍ । ରମା ସେମିତି କଲା, ମା' ଦୁର୍ଗାଙ୍କୁ ମନେମନେ ସ୍ମରଣ କଲା ଓ ମାଗିଲା । ସତକୁ ସତ ସଙ୍ଗେସଙ୍ଗେ ଖିରୀ ଓ ରସଗୋଲା ପହଞ୍ଚି ଗଲା । ତା'ପରେ ବୃଦ୍ଧାଜଣକ ପଚାରିଲେ ଆଉ କଣ ଦରକାର କୁହ, ସ୍ୱାମୀ ବାସୁ କହିଲା ମାଉସୀ ଆମ ଗାଁର ଦୁର୍ଗାପୂଜା ପାଇଁ ଚାନ୍ଦା ହଜାରେ ଟଙ୍କା ଲେଖାଏ ଦେବାକଥା। କିନ୍ତୁ ଏ ବରଷା ଲାଗିରହିବାରୁ କାମଧନ୍ଦା ମିଳୁନି, ସେଥିପାଇଁ ମାଆଙ୍କର ପୂଜା ପାଇଁ ଚାନ୍ଦା ଯୋଗାଡ କରିପାରି ନାହୁଁ । ତେବେ ଚାନ୍ଦା ବାବଦକୁ ହଜାରେ ଟଙ୍କା କ'ଣ ଏଇ କୁହୁକ ମୁଦି ଦେଇପାରିବ? ବୃଦ୍ଧ ମହିଳା କହିଲେ ନିଶ୍ଚିତ ଦେବ, ଥରେ କହିକି ତ ଦେଖ। ସେଇଆ ହେଲା । ହଜାରେ ଟଙ୍କିଆ ନୋଟ ରମା ହାତରେ ଦେଖି ସମସ୍ତେ ହତବାକ ହୋଇଗଲେ। ତା'ପରେ ବୁଝିସାରିଥିଲେ ଯେ, ଏ ବୃଦ୍ଧାଜଣକ କୌଣସି ସାଧାରଣ ମଣିଷ ନୁହନ୍ତି । ତାପରେ ସମସ୍ତେ ମିଶି ହାତଯୋଡ଼ି ନେହୁରା ହେଲେ, କହିଲେ ଆପଣ କିଏ , ଆମକୁ ସତକଥା କୁହନ୍ତୁ। ଏହାଶୁଣି ବୃଦ୍ଧାଜଣକ କହିଲେ ମୁଁ ଆଉ କେହିନୁହଁ, ରମା ସବୁଦିନ ଭକ୍ତିର ସହିତ ଯାହାକୁ ପୂଜା କରେ ମୁଁ ସେଇ ଦୁର୍ଗା ମାଆ । ଏହାକହି ଦେବୀ ନିଜ ପ୍ରକୃତ ରୂପରେ ଆବିର୍ଭାବ ହେଲେ। ପ୍ରତ୍ୟକ୍ଷ ଭାବରେ ମାଆ ଦୁର୍ଗାଙ୍କୁ ଦର୍ଶନକରି ରମା ଓ ପରିବାର ଲୋକେ ଅତ୍ୟନ୍ତ ଆନନ୍ଦିତ ହେଲେ। ସାଷ୍ଟାଙ୍ଗ ପ୍ରଣିପାତ କଲେ ଦେବୀଙ୍କ ପାଦତଳେ। ଦେବୀ ଦୁର୍ଗା କହିଲେ ରମା ମୁଁ ତୋ ଭକ୍ତିରେ ପ୍ରସନ୍ନ। ତୋର ଏଭଳି ଅସୁବିଧା ଦେଖି ମୁଁ ସହିପାରିଲିନି। ସେଥିପାଇଁ ତୋତେ ସହାୟତା କରିବାପାଇଁ ଆସିଥିଲି । ମାଆଙ୍କଠାରୁ ସବୁ କଥା ଶୁଣି ସମସ୍ତେ ଖୁସିହେଲେ । କିନ୍ତୁ ଦେବୀ ମାଆ ଗୋଟିଏ କଥା ବାରମ୍ବାର କହୁଥାଆନ୍ତି ଯେ, ବିନା କାରଣରେ , କାହାର ମଙ୍ଗଳ ପାଇଁ ଏବଂ ଜାଣିଶୁଣି ଘରେ ବସିରହି ନିଜର ସୁବିଧା ପାଇଁ ଏହି ମୁଦିକୁ ବ୍ୟବହାର କରିବନି । ନଚେତ ଏହା ତୁମ ପାଖରୁ ଉଭେଇ ଯିବ। ସେମିତି କରିବାପାଇଁ ସମସ୍ତେ ମାତା ରାଣୀଙ୍କୁ କଥା ଦେଲେ । ଦେବୀ ଦୁର୍ଗାଙ୍କ କହିବା ଅନୁସାରେ ମୁଦିର ବ୍ୟବହାର କରିବେ ବୋଲି କହି ପ୍ରତିଜ୍ଞାକଲେ ଓ ପୁଣିଥରେ ମୁଣ୍ଡିଆମାରି ଉଠିଲା ବେଳକୁ ମା' ଦୁର୍ଗା ସେଠାରୁ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ସମସ୍ତେ ବୁଝିଗଲେ ଯେ, ମାନବ ସେବା ହିଁ ମାଧବ ସେବା। ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର । ଏହା ଭାବି ସେମାନଙ୍କ ମନରେ ଆହୁରି ଭକ୍ତିଭାବ ବଢି ଯାଇଥିଲା, ପରେ ବାସୁ ଗାଁର ପୂଜା ଚାନ୍ଦା ନେଇକି ଦେଲା ଓ ଆନନ୍ଦ ମନରେ ମାଆଙ୍କର ପୂଜା ଅର୍ଚ୍ଚନା କଲେ ଏବଂ ଶାନ୍ତିରେ ତାଙ୍କର ଦିନ ବିତିଲା ।


+ ୟୁନିଟ୍-୦୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ପାଟଳିପୁରା ହାଇସ୍କୁଲର ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ବୈଶିଙ୍ଗା ,୧୧/୦୯ (ନି.ପ୍ର): ପାଟଳିପୁରା ଗ୍ରାମ ପଞ୍ଚାୟତରେ ଥିବା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ଯୋଗଦେଇ ବିଦ୍ୟାଳୟରେ ବିତି ଯାଇଥିବା ପ୍ରତିଟି ମୁହୂର୍ତ୍ତ ଥିଲା ତାଙ୍କ ପାଇଁ ପ୍ରେରଣା ଦାୟୀ ଅବିସ୍ମରଣୀୟ ଅମୂଲ୍ୟ ଉପହାର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପର୍ସନ ତଥା ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ । ସେ ପୁଣି କହିଲେ ଯେ ଛାତ୍ରଛାତ୍ରୀମାନେ ଥିଲେ ତାଙ୍କର ଦେବତା, କର୍ମ ଥିଲା ତାଙ୍କର ଉପାସନା, ସେବା ଥିଲା ଆରାଧନା । ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ସଭାପତି ବକ୍ତବ୍ୟ ପ୍ରଦାନ କରି ବିଦାୟୀ ଶିକ୍ଷକ ଶିଶିର କୁମାର ନାୟକ ପଦୋନ୍ନତି ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରି ଥିବାରୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, କଞ୍ଚନମାଳା ଜେନା, ରିତାରାଣୀ ଦାସ, ମଧୁସ୍ମିତା ପ୍ରଧାନ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ଶିକ୍ଷକ ଲାଲ ମୋହନ ହାଁସଦା, ସେବକ ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ବିଦାୟୀ ଶିକ୍ଷକଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାର ଉପହାର ଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧ୍ୟ ମିଳିତ ଭାବରେ ଦାରୁବ୍ରହ୍ମ ଫଟୋ ଚିତ୍ର, ବୃକ୍ଷ ଏବଂ ବିଭିନ୍ନ ଉପହାର ଦେଇଥିଲେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଶାଲକୁ ହାଁସଦା । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଗିରିଜା ଶଙ୍କର ମାହାର୍ଣ୍ଣା ।

# ଜଳେଶ୍ୱରରେ ଦୀର୍ଘସ୍ଥାୟୀ ଜଳବନ୍ଦୀ,ଫସଲ କ୍ଷତି ଓ ରେଳପଥ ନିର୍ମାଣକୁ ନେଇ ମାନ୍ୟବର ଜିଲ୍ଲାପାଳଙ୍କୁ 'ଇଣ୍ଡିଆ ମେଣ୍ଟ'ର ସ୍ମାରକପତ୍ର

## ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜଳେଶ୍ୱର,୧୧/୦୯ (ନି.ପ୍ର): ଜଳେଶ୍ୱର ବ୍ଲକ,ପୌରାଞ୍ଚଳ ଓ ସଂଲଗ୍ନ ଭୋଗରାଇ ଅଞ୍ଚଳରେ ଦେଖାଦେଇଥିବା ଦୀର୍ଘସ୍ଥାୟୀ ଜଳବନ୍ଦୀ,ବନ୍ୟାଜନିତ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ଓ ପ୍ରସ୍ତାବିତ ଜଳେଶ୍ୱର-ଦୀଘା ରେଳପଥ ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବାର ଆଶଙ୍କାକୁ ନେଇ ଜଳେଶ୍ୱର ଇଣ୍ଡିଆ ମେଣ୍ଟ ପକ୍ଷରୁ ଏକ ଦାବିପତ୍ର ଜଳେଶ୍ୱର ବିଡିଓ ଓ ତହସିଲଦାରଙ୍କ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ?ପ୍ରତିବର୍ଷ ବର୍ଷା ଋତୁରେ ବିଶେଷକରି ପଶ୍ଚିମବଙ୍ଗ ପଟୁ ଆସୁଥିବା ବର୍ଷା ଓ ବନ୍ୟାଜଳ ନିଷ୍କାସିତ ନ ହୋଇପାରିବା ଯୋଗୁଁ ସୁଗୋ,ନାମ୍ପୋ,ନେତୁଆ, ଖାଲିନା,ସଂପତିଆ, ଖୁଲୁଡ଼ା, ବର୍ତନା,ପଶ୍ଚିମବାଡ଼, ଝାଡ଼ପିମ୍ପଳ, ବାଇଗଣବାଡ଼ିଆ, ପାଇକସିଦା, କୁଟସାହି, ଆ.ର.ଆ.ରପୁର, ଗୋପୀମୋହନପୁର,ଆରୁହା ଆଦି ଅନେକ ଗ୍ରାମ ଓ ପୌରାଞ୍ଚଳ ଜଳବନ୍ଦୀ ହୋଇ ଗୁରୁତର ସଙ୍କଟ ସୃଷ୍ଟି ହେଉଛି ।ତେଣୁ ଜଳ ସମ୍ପଦ,ରାଜସ୍ୱ ଓ କୃଷି ବିଭାଗର ସମନ୍ୱୟରେ ଜଳେଶ୍ୱର-ଭୋଗରାଇ ଅଞ୍ଚଳ ପାଇଁ ସ୍ଥାୟୀ ଜଳ ନିଷ୍କାସନ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉ। ବନ୍ୟା ଓ ଜଳବନ୍ଦୀ ଯୋଗୁଁ ନଷ୍ଟ ହୋଇଥିବା ଧାନ ଓ ପନିପରିବା ଫସଲର ତୁରନ୍ତ ଆକଳନ କରି କ୍ଷତିପୂରଣ,ଇନପୁଟ୍ ସହାୟତା ଏବଂ କୃଷି ଋଣ ଛାଡ଼ କରାଯାଉ। କ୍ଷତିଗ୍ରସ୍ତ ପରିବାରକୁ ତାରପୋଲିନ୍, ଘରଭଙ୍ଗା ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଏବଂ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଉ ।ରେଳଲାଇନ୍ କେବଳ ମାଟି ବନ୍ଧରେ ନବନାଇ, ଇକିଡ଼ାରୁ ବଡ଼ମନ୍ଦାରୁଣି ରାସ୍ତା ପର୍ଯ୍ୟନ୍ତ ଆବଶ୍ୟକୀୟ ଓଭରବ୍ରିଜ୍ ଓ ପର୍ଯ୍ୟାପ୍ତ କଲଭର୍ଟ ଓ ଜଳ ନିଷ୍କାସନ ପଥର ବ୍ୟବସ୍ଥା କରାଯାଉ। ପ୍ରଶାସନ, ରେଳବାଇ,ଜଳସମ୍ପଦ ବିଭାଗ ଓ ଜନପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଉ। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ସହ ନଦୀବନ୍ଧ ନଥିବା ସ୍ଥାନରେ ନୂଆ ବନ୍ଧ ନିର୍ମାଣ ଓ ପ୍ରତିଶ୍ରୁତି ମୁତାବକ ବାର୍ଦ୍ଧକ୍ୟ/ବିଧବା ଭତ୍ତା ୩,୦୦୦ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ସୁଦର୍ଶନ ଦାସ,ହେମନ୍ତ ଗିରୀ,ମଧୁସୁଦନ ଦାସ, ଶିଶିର ହୁଇ,ସୀତାଂଶୁ ଶେଖର ସେନାପତି,ରବିନ୍ଦ୍ର ବାରିକ, ଦିଲ୍ଲୀପ କୁମାର ପରିଡ଼ା, ପଦ୍ମଲୋଚନ ବେହେରା,ପଲ୍ଟୁ ଦାସ, ସେକ ଜାବେଦ ଆବେଦିନ,ସନ୍ୟାସୀ ଶାହା ,ଗତୀକୃଷ୍ଣ ଦଲାଇ ପ୍ରମୁଖ ଇଣ୍ଡିଆ ମେଣ୍ଟ'ର ଶତାଧିକ ସଦସ୍ୟ ମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ,ଯଦି ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବିଗୁଡ଼ିକ ଉପରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନନିଆଯାଏ,ତେବେ ଅଞ୍ଚଳବାସୀଙ୍କୁ ନେଇ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏହି ସ୍ମାରକପତ୍ରର ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବଂ ଜଳ ସମ୍ପଦ ବିଭାଗର ମୁଖ୍ୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟକୁ ପଠାଇ ଦେଇଛନ୍ତି ବୋଲି କହିଛନ୍ତି।

# ବ୍ରହ୍ମପୁର ସ୍ୱଦେଶୀ ମେଳାରେ ଆମଭାଷା ସାହିତ୍ୟ ସଂସଦ, ଦିଗପହଣ୍ଡିର ସାହିତ୍ୟ ଆସର ଅନୁଷ୍ଠିତ

ଗଂଜାମ,୧୧/୦୯ (ନି.ପ୍ର): ବ୍ରହ୍ମପୁର ଉମାଚରଣ ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଆନୁକୂଲ୍ୟରେ ବ୍ରହ୍ମପୁର ସ୍ୱଦେଶୀ ଉଦ୍ୟୋଗ ମେଳା ୯ ଦିନ ବ୍ୟାପୀ ଚାଲିଥିବା ବେଳେ ସପ୍ତମ ଦିବସରେ ଆମଭାଷା ସାହିତ୍ୟ ସଂସଦ, ଦିଗପହଣ୍ଡି ତରଫରୁ ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡଃ ଗଜାନନ ତ୍ରିପାଠୀଙ୍କ ଆବାହକତ୍ୱରେ ହୋଇଥିବା ବେଳେ ସଭାପତି ଭାବେ ଶିବ ପ୍ରସାଦ ଦାଶ, ମୁଖ୍ୟ ଅତିଥି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷକ ଡଃ ବାଇମନୁ ଚର୍ଚ୍ଚି, ମୁଖ୍ୟବକ୍ତା ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ହାଡିବନ୍ଧୁ ମାଳି, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି, କବି ଡଃ ଅଶ୍ୱିନୀ କୁମାର ମହାପାତ୍ର, ସଂସଦ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସହ ସମ୍ପାଦକ ସମ୍ଭବ କୁମାର ତ୍ରିପାଠୀ, କବି ରାଜେଶ କୁମାର ପାତ୍ର ସମୂହ ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟାନ୍ୟ କବି କବୟିତ୍ରୀଙ୍କ ମଧ୍ୟରେ ଡଃ ବିଜୟ କୁମାର ମହାରଣା, ବିରୁପାକ୍ଷ ଦାଶ, ଶ୍ରୀ ସଙ୍କର୍ଷଣ ତ୍ରିପାଠୀ, ପଦ୍ମିନୀ ମିଶ୍ର, ଭୀକାରି ଚରଣ ନାୟକ, ଶ୍ରୀମତୀ ପ୍ରେମଶିଳା ନନ୍ଦ, ବିଜୟ ଚନ୍ଦ୍ର ନନ୍ଦ, ପଦ୍ମନାଭ ରଥ, ଶିବ ପ୍ରସାଦ ରଥ, ପରେଶ ରଥ, ସୁଜାତା ରାଣୀ ସତପଥୀ, ପିତବାସ ତ୍ରିପାଠୀ, ରୋଶନୀ ସାହୁ, ସମୀକ୍ଷା ରାଣୀ ଦେବୀ, ସନ୍ତୋଷିନୀ ସାହୁ ପ୍ରମୁଖ କବିତା ପାଠ ଥିଲେ। ଗଞ୍ଜାମ ସାହିତ୍ୟକୁ ନେଇ ଉକ୍ତ ଅବସରରେ ଆଲୋଚନା କରାଯାଇଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ଚର୍ଚ୍ଚି ଲୋକାଭିମୁଖୀ ସାହିତ୍ୟ ସମ୍ପର୍କୀତ ମତ ପୋଷଣ କରିଥିଲେ। ଉତ୍କଳ ସମ୍ମିଳନୀ ଓ ଗଞ୍ଜାମର ସମ୍ପର୍କକୁ ନେଇ ମୁଖ୍ୟବକ୍ତା ଶ୍ରୀ ମାଳି ମହୋଦୟ କହିବା ସହ ପାଲୁର ରାଜବାଟୀ ଗଜପତି ମହାରାଜାଙ୍କୁ ମନେପକାଇ ଥିଲେ। ଆନ୍ଧ୍ର ପ୍ରଦେଶର ଭାଷା ପ୍ରୀତି ଓ ଓଡ଼ିଆ ଅସ୍ମିତାର କଥା କହିଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀ ମହାନ୍ତି। ସଭାପତି ଶ୍ରୀ ଦାଶ ବ୍ୟବସ୍ଥାକୁ ନେଇ ମାଙ୍କଡ଼ ବିଲେଇ ଆଖ୍ୟାନ ଉପସ୍ଥାପନ କରିଥିଲେ।

ଉକ୍ତ ଆସର ଆରମ୍ଭରେ ନେପାଳ ବନ୍ୟାରେ ମୃତ୍ୟୁବରଣ କରିଥିବା ସମସ୍ତଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କବି ଶ୍ରୀ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀର ବାଘାଯତୀନଙ୍କ ସହିଦ ଦିବସ ପାଳିତ



ବାଲେଶ୍ୱର,୧୧/୦୯ (ନି.ପ୍ର): ଭାରତର ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଳବୀ, ଭାରତ ମାତାର ସୁଯୋଗ୍ୟ ସନ୍ତାନ, ମୁକ୍ତି ଯୋଦ୍ଧା, ଅଦମ୍ୟ ସାହସ, ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ସଶସ୍ତ୍ର ସଂଗ୍ରାମର ରଣ ହୁଙ୍କାର ଦେଇଥିବା ମହାନ ଯୋଦ୍ଧା, ଦେଶପ୍ରେମ ଓ ଆତ୍ମତ୍ୟାଗର ପ୍ରତୀକ ବୀର ବାଘାଯତୀନଙ୍କ ସହିଦ ଦିବସ ଆଜି ବାଲେଶ୍ୱର ଜିଲ୍ଲାରେ ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗରେ ବାଘାଯତୀନ ଉନ୍ନୟନ କମିଟି ଓ ବାଘାଯତୀନ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପୂର୍ବାହ୍ନରେ ବାଲେଶ୍ୱର ସହରର ବାରବାଟୀ ବାଳିକା ହାଇସ୍କୁଲ୍ ସ୍ଥିତ ପୂର୍ବତନ ହସ୍ପିଟାଲ ପରିସର ଏବଂ ରେମୁଣା ବ୍ଲକ୍‌ର ଚଷାଖଣ୍ଡ ଅଞ୍ଚଳରେ ବଘା ଯତୀନଙ୍କ ୧୧୧ ତମ ସ୍ମୃତି ସହିଦ ଦିବସ ପାଳନ ହୋଇଯାଇଛି. ଏହି ଅବସରରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ସମ୍ମାନନୀୟ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲ୍ଲିକ, ବାଘା ଯତୀନଙ୍କ ଜନ୍ମଭୂମି ତଥା ରକ୍ତ ତୀର୍ଥ ଯାତ୍ରୀରୁ ୩୪ଜଣ ପ୍ରମୁଖ ବ୍ୟକ୍ତି ଯୋଗଦେଇ ବୀର ବାଘାଯତୀନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ସୁଜିତ କୁମାର ଦେବ, ସାଧାରଣ ସମ୍ପାଦକ ଶ୍ରୀ ହରେନ୍ ରଣାଙ୍କ ସମେତ କମିଟିର ସଦସ୍ୟ ମାନେ ସ୍ଥାନୀୟ ବାରବାଟୀ ସ୍କୁଲ ପରିସରରେ ଏବଂ ବାଘାଯତୀନ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଶ୍ରୀ ଗୋପୀନାଥ ସେନାପତି ଏବଂ ସାଧାରଣ ସମ୍ପାଦକ ଶ୍ରୀ ସର୍ବେଶ୍ୱର ମହାନ୍ତିଙ୍କ ସମେତ ପରିଷଦର ସଦସ୍ୟ ମାନେ ରେମୁଣା ବ୍ଲକ ସ୍ଥିତ ଚଷାଖଣ୍ଡ ଠାରେ ଏହି ଐତିହାସିକ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ଏହି ଦିବସ ପାଳନ ଅବସରରେ ବାଘାଯତୀନଙ୍କ ଐତିହାସିକ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ଐତିହାସିକ ତଥ୍ୟ ଅନୁଯାୟୀ, ବାଘାଯତୀନଙ୍କ ସହ ମୋଟ ପାଞ୍ଚଜଣ ବିପ୍ଳବୀ ଏହି ସଂଘର୍ଷରେ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ଦୁଇଜଣ ଗିରଫ ହୋଇଥିଲେ। ଚଷାଖଣ୍ଡଠାରେ ଘଟିଥିବା ସଶସ୍ତ୍ର ସଂଘର୍ଷ ସ୍ୱାଧୀନତା ଆନ୍ଦୋଳନର ଏକ ସାହସିକ ଅଧ୍ୟାୟ ଭାବେ ଆଜି ମଧ୍ୟ ସ୍ମରଣୀୟ। ଏହି ସଂଘର୍ଷ ସମୟରେ ଜଣେ ବିପ୍ଳବୀ ଘଟଣାସ୍ଥଳରେ ସହିଦ ହୋଇଥିଲେ। ବୀର ବାଘାଯତୀନ ଗୁରୁତର ଆହତ ହୋଇ ଯେଉଁ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ, ସେହି ସ୍ଥାନଟି ବର୍ତ୍ତମାନ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ। ଏହି ସ୍ଥାନ ଓ ଚଷାଖଣ୍ଡ ଅଞ୍ଚଳ ବାଘାଯତୀନଙ୍କ ଅମର ସ୍ମୃତି ସହ ଗଭୀର ଭାବେ ଜଡ଼ିତ। ତେଣୁ ଏହି ଦୁଇଟି ସ୍ଥାନରେ ସହିଦ ଦିବସ ପାଳନର ବିଶେଷ ଐତିହାସିକ ଓ ଭାବନାତ୍ମକ ଗୁରୁତ୍ୱ ରହିଛି। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶମାତୃକାର ସ୍ୱାଧୀନତା ପାଇଁ ବାଘାଯତୀନ ଓ ତାଙ୍କ ସହଯୋଗୀମାନେ ଯେଉଁ ଅଦମ୍ୟ ସାହସ ଓ ଆତ୍ମତ୍ୟାଗର ପରିଚୟ ଦେଇଥିଲେ, ତାହା ଭାରତୀୟ ଇତିହାସରେ ଚିରସ୍ମରଣୀୟ। ତାଙ୍କର ଜୀବନ ଆମକୁ ଦେଶପ୍ରେମ, ନିଷ୍ଠା, ସାହସ ଓ ତ୍ୟାଗର ଶିକ୍ଷା ପ୍ରଦାନ କରେ। ବାଘାଯତୀନଙ୍କ ଆଦର୍ଶ ଓ ବଳିଦାନକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ତାଙ୍କ ଐତିହାସିକ ସ୍ମୃତିସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ବିକାଶ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ବୀର ବାଘାଯତୀନଙ୍କ ଅମର ଗାଥା ଓ ଦେଶପ୍ରେମର ଆଦର୍ଶ ଯୁବପିଢ଼ିକୁ ଦେଶ ଓ ସମାଜର ସେବା ପାଇଁ ସଦା ସର୍ବଦା ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଝାରସୁଗୁଡ଼ା ସରକାରୀ ଆଇଟିଆଇରେ ପରିଚାଳନା ପରିଷଦ ବୈଠକ

ଝାରସୁଗୁଡ଼ା,୧୧/୦୯ (ନି.ପ୍ର): ଜିଲ୍ଲାରେ ଅବସ୍ଥିତ ସରକାରୀ ଆଇଟିଆଇ ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପରିଚାଳନା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନୁଷ୍ଠାନର ଶିକ୍ଷାଦାନର ଅଗ୍ରଗତି, ଆଇନଗତ ମଞ୍ଜୁରୀ, କ୍ୟାମ୍ପସ ଜମି ନିୟମିତକରଣ ଏବଂ ଭିତିଭୂମି ଉନ୍ନୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଶିଳ୍ପ ପରିଦର୍ଶନ, କ୍ୟାମ୍ପସ ପ୍ଲେସମେଂଟ ଡ୍ରାଇଭ୍, ପ୍ରଶିକ୍ଷକମାନଙ୍କ ତାଲିମ ଏବଂ ସିଏସ୍ଆର୍ ପାଣ୍ଠି ସହାୟତା ପାଇଁ ଏକ ଦୃଢ଼ ଇଣ୍ଡଷ୍ଟ୍ରି କନେକ୍ଟ ବ୍ୟବସ୍ଥା ଗଢ଼ି ତୋଳିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ କରାଯାଇଥିଲା। ଏହାପରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ୱେଷ୍ଟ ଟୁ ୱେଲ୍ଥ' (ବର୍ଜ୍ୟରୁ ସମ୍ପଦ) କୌଶଳରେ ନିର୍ମିତ ଏକ ଆକର୍ଷଣୀୟ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତିକୁ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ଶିଳ୍ପ ଓ ଅଟୋମୋବାଇଲର ବର୍ଜ୍ୟ ସାମଗ୍ରୀକୁ ମାନୁଆଲ୍ ମିଗ୍ ୱେଲ୍ଡିଂ ଏବଂ ଅତ୍ୟାଧୁନିକ 'ଏବିବି ୬-ଆକ୍ସିସ୍ ରୋବୋଟିକ୍ସ' ପ୍ରଯୁକ୍ତିବିଦ୍ୟାର ମିଶ୍ରଣରେ ଏହି ମୂର୍ତି ତିଆରି କରାଯାଇଛି। ଛାତ୍ରଛାତ୍ରୀଙ୍କ ଏହି ଅଭିନବ ପ୍ରୟାସ ଓ ପ୍ରତିଭାକୁ ଜିଲ୍ଲାପାଳ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ପୂର୍ତ୍ତ ବିଭାଗର ଏସଡିଓ ଏବଂ କନିଷ୍ଠ ଯନ୍ତ୍ରୀ, ଜେଇଏସ୍ ଝାରସୁଗୁଡ଼ାର ଅଧ୍ୟକ୍ଷ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ତଥା ତାଲିମ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ନିଶା ନିବାରଣ ସଚେତନତା

ଘଟଗାଁ,୧୧/୦୯ (ନି.ପ୍ର): ଘଟଗାଁ ଏମ୍ ଇ ସ୍କୁଲ୍ ତରଫରୁ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରା ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ରେ ଛାତ୍ର ଛାତ୍ରୀ ମାନେ ପ୍ଲା କାର୍ଡ ଧରି ନିଶା ନିବାରଣ ଉପରେ ବିଭିନ୍ନ ସ୍ଲୋଗାନ ଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଥ ପ୍ରାନ୍ତ ନାଟକ ମାଧ୍ୟମ ରେ ଛାତ୍ରଛାତ୍ରୀ ମାନେ ନିଶା ସେବନ କଲେ ନିଜର ସୁସ୍ଥ ଶରୀର ଅସୁସ୍ଥ ହେବା ସହ ପରିବାର ସଦସ୍ୟଙ୍କ ଦୁଃଖ ବଢିବା ସଙ୍ଗେ ସମାଜରେ ନିନ୍ଦିତ ହେବାକୁ ପଡିବ ବୋଲି ଲୋକ ମାନଙ୍କୁ ସଚେତନ କରିଥିଲେ ।ଆହୁରି ମଧ୍ୟ ଅଭିନୟ ମାଧ୍ୟମରେ ସଚେତନ କରି ନିଶା କାରବାର ଯୋଗୁଁ ଯୁବପିଢ଼ି ପଥ ଭ୍ରଷ୍ଟ ହେବା ସହ ଅନେକ ଅପ୍ରୀତିକର ଘଟଣା ଘଟୁଛି ବୋଲି ସଂକେତ ଦେଇଥିଲେ। କାର୍ଯ୍ୟକ୍ରମ କୁ ଘଟଗାଁ ବି, ଇ, ଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏ ବି ଇ ଓ ସଞ୍ଜୟ ପଲେଇ, ସି ଆର ସି ସି କମଳାକାନ୍ତ ପଣ୍ଡା, ନବକୃଷ୍ଣ ରାଉତ, ଘଟଗାଁ ବ୍ଲକ ଏଲିମେଂଟ। ରି ଶିକ୍ଷକ ସଂଘ ଉପସଭାପତି ସିମନ ସ୍ମିତା ପୃଷ୍ଟି ପ୍ରମୂଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଥିଲେ। ପଥପ୍ରାନ୍ତ ନାଟକ ଅବସରରେ ଘଟଗାଁ ର ବରିଷ୍ଠ ନାଗରିକ ପ୍ରମୋଦ ଦେହୁରୀ, ଅଲି ଅହମଦ, ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ସମାଜସେବୀ ପଦ୍ମଲୋଚନ ବଳ ଉପସ୍ଥିତ ରହି ବହୁମୂଲ୍ୟ ବାର୍ତ୍ତା ପ୍ରଦାନ କରିଥିଲେ। ଘଟଗାଁ ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ଜେନା କାର୍ଯ୍ୟକ୍ରମ ରେ ସାମିଲ ହୋଇ ପିଲାମାନଙ୍କୁ ଓ ଜନସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ । ଠିକ୍ ସେହିପରି ଘଟଗାଁ ବି ଇ ଓ ଙ୍କ କାର୍ଯ୍ୟାଳୟରେ ବରିଷ୍ଠ ଅନୁଭାଗ ଅଧିକାରୀ ଧିରେନ କୁମାର ବେଜ୍, ଅମର କୁମାର ପାତ୍ର ଉପସ୍ଥିତ ରହି ରାଲୀ କୁ ସମ୍ବୋଧିତ କରିଥିଲେ ।

# ବାଲେଶ୍ୱରର ବାଘାଯତିନ କ୍ଲବ ସହିଦ ବାଘଯତିନଙ୍କ ୧୧୧ ତମ ସ୍ମୃତି ଦିବସରେ ବିଶାଳ ରକ୍ତଦାନ ଶିବିର



ବାଲେଶ୍ୱର,୧୧/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ର ବାରବାଟୀ ର ବାଘାଯତିନ କ୍ଲବରେ ସହିଦ ବାଘାଯତିନ ଙ୍କ ୧୧୧ ତମ ସ୍ମୃତି ଦିବସ ରେ ବିଶାଳ ରକ୍ତଦାନ ଶିବିର ସଭାପତି ବିକ୍ରମ ଜିତ୍ କର ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ପୂର୍ବତନ ଲୋକପାଳ ବର୍ତ୍ତମାନ ର ରୋଟାରୀୟନ ସୁବ୍ରତ କର , ବାଲେଶ୍ୱର ମ୍ୟୁନିସପାଲଟି ଚେୟାରମେନ ସବିତା ସାହୁ ସ୍ୱାମୀ କୁନୁ ସାହୁ ବିଜେପିର ଯୁବନେତା ଓ ସମାଜ ସେବୀ ଗୌରାଙ୍ଗ ଦାସ, ଆଇନଜୀବୀ ସମାଜ ସେବୀ ରୋଟାରୀୟନ୍ ଯଶୋଦା ନନ୍ଦନ ଆଶ, ରଶ୍ମି ରେଖା ଦେବ ୨୪ ନମ୍ବର ୱାର୍ଡ ରେ ୱାର୍ଡ ସଭାପତି ଅଶୋକ ଦାସ , ବିଜେପିର ଯୁବନେତା ରାଜାଭାଇ , ଅନିବେଶ୍ କ୍ରିଷ୍ଣା ଦେ , ଅମିତ୍ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କହିଥିଲେ ରକ୍ତ ଦାତାଙ୍କ ପାଇଁ ରକ୍ତର ଅଭାବ ଦୂର ହେବ । ବାଘାଯତିନ କ୍ଲବ ଏହାକୁ ଆୟୋଜନ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିକ୍ରମ ଯିତ୍ କର , ସନ୍ତୋଷ ଦେ , ସୋମନାଥ କର , ରାଜେଶ କର , କ୍ରିଷ୍ଣା ରାଜ୍ୟ କର , ନିଳଞ୍ଜନ କର ,ଆଶ୍ରୀତା ତରେଇ , ଆଶା ଲତା ବାଡ଼ି ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ।

# 'ଅପରେସନ୍ ଅନ୍ୱେଷଣ'ରେ ବଡ଼ ସଫଳତା : ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁ ଉଦ୍ଧାର

ଭୁବନେଶ୍ୱର,୧୧/୦୯ (ନି.ପ୍ର): ବାହାର ରାଜ୍ୟରେ ନିଖୋଜ, ଶିଶୁ ଶ୍ରମରେ ନିୟୋଜିତ କିମ୍ବା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ଫସି ରହିଥିବା ଓଡ଼ିଆ ଶିଶୁଙ୍କୁ ଚିହ୍ନଟ, ଉଦ୍ଧାର ଓ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଅନ୍ୱେଷଣ'ରେ ବଡ଼ ସଫଳତା ମିଳିଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହଯୋଗରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା। ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁଙ୍କୁ ଚିହ୍ନଟ କରି ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୪ ଜଣ ବାଳକ ଥିବାବେଳେ ୪୭ ଜଣ ବାଳିକା ରହିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଏସ୍ ସାଇନି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶା ପୋଲିସର ଡିଏସ୍‌ପି ପାହ୍ୟାର ଅଧିକାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଲିଗାଲ୍ କମ୍ ପ୍ରୋବେସନ୍ ଅଫିସରମାନଙ୍କୁ ନେଇ ଗଠିତ ୧୭ଟି ଟିମ୍ ୧୭ଟି ରାଜ୍ୟରେ ଏହି ଅଭିଯାନ ଚଳାଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡ୍ଡୁ, ନୂଆଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଓ କେରଳରେ ଏହି ଅଭିଯାନ ଚାଲିଥିଲା। ପଶ୍ଚିମବଙ୍ଗରୁ ସର୍ବାଧିକ ୩୦ ଜଣ ଶିଶୁ ଉଦ୍ଧାର କରାଯାଇଥିବାବେଳେ କର୍ଣ୍ଣାଟକରୁ ୧୧, ଝାଡ଼ଖଣ୍ଡରୁ ୧୦ ଓ ତାମିଲନାଡୁରୁ ୧୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୂର୍ବାଂଚଳ ରେଞ୍ଜ ଡିଆଇଜି ଶ୍ରୀ ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରୁ ୩୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେହିପରି ବ୍ରହ୍ମପୁର ଦକ୍ଷିଣାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ଣ୍ଣାଟକରୁ ୧୧ ଜଣ, ଉତ୍ତର କେନ୍ଦ୍ରାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀମତୀ ଜ୍ୟୋସ୍ନାରାଣୀ ବେହେରାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡରୁ ୧୦ ଜଣ ଏବଂ ବ୍ରହ୍ମପୁର ଦକ୍ଷିଣାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀ ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ତାମିଲନାଡୁରୁ ୧୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଅଭିଯାନ ସମୟରେ ଶିଶୁ ଚାଲାଣ ମାମଲାରେ ନିଖୋଜ ଥିବା ଶିଶୁ, ବାହାର ରାଜ୍ୟରେ ଶିଶୁ ଶ୍ରମିକ ଭାବେ ନିୟୋଜିତ ଶିଶୁ ଏବଂ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଓଡ଼ିଆ ଶିଶୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ପୋଲିସର ସହଯୋଗରେ ବିଭିନ୍ନ ଲେବର ସାଇଟ୍ ଓ ଶିଶୁ ଯତ୍ନ ଅନୁଷ୍ଠାନରେ ଚଢ଼ାଉ କରାଯାଇ ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଅଭିଯାନରେ ପୂର୍ବରୁ ଅପହରଣ ମାମଲାରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ୧୧ ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୨ ଜଣ ପୁଅ ଓ ୯ ଜଣ ଝିଅ ରହିଛନ୍ତି । ସେହିପରି ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ ଭାବେ କାମ କରୁଥିବା ୭ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ୬ ଜଣ ପୁଅ ଓ ଜଣେ ଝିଅ ରହିଛନ୍ତି। ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ (ଉଉଓ)ରେ ରହୁଥିବା ୮୩ ଜଣ ଓଡ଼ିଆ ଶିଶୁଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ ୪୬ ଜଣ ପୁଅ ଓ ୩୭ ଜଣ ଝିଅ ଅଛନ୍ତି। ଉଉଓରୁ ଚିହ୍ନଟ ହୋଇଥିବା ୮୦ ଜଣ ଶିଶୁଙ୍କୁ ଓଡ଼ିଶା ଫେରାଇ ଅଣାଯାଇଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଛି। ବାହାର ରାଜ୍ୟରେ ରହୁଥିବା ଜଣେ ନାବାଳିକା ସେଠାରେ ଏକ ଶିଶୁକୁ ଜନ୍ମ ଦେଇଥିବା ଜଣାପଡ଼ିଥିଲା।

# ବିଧାୟକ ମାନସ ଦତ୍ତଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରରେ ଶୁଭାରମ୍ଭ ହେଲା ପ୍ରଥମ ହୃଦ୍‌ରୋଗ ବିଶେଷଜ୍ଞ ବହିର୍ବିଭାଗ

## ବିଧାନସଭାରେ ଦାବି ଉଠାଇଥିଲେ ବିଧାୟକ, ଆଧୁନିକ ଇକୋ ମେସିନ ସହ ମିଳିବ ବିଶେଷଜ୍ଞ ସେବା




ବାଲେଶ୍ୱର, ୧୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂତନ ଅଧ୍ୟାୟ। ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତଙ୍କ ନିରନ୍ତର ପ୍ରଚେଷ୍ଟା କ୍ରମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମ ଥର ପାଇଁ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ ହୋଇଛି। ଆଜି ବିଧାୟକ ମାନସ ଦତ୍ତଙ୍କ କରକମଳରେ ଏହି ନୂତନ ବହିର୍ବିଭାଗର ଶୁଭ ଉଦ୍‌ଘାଟନ ହେବା ସହ ବାଲେଶ୍ୱରରେ ବିଶେଷଜ୍ଞ ହୃଦରୋଗ ଚିକିତ୍ସା ସେବାର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି। ହୃଦରୋଗ ବର୍ତ୍ତମାନ ସମୟରେ ଏକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟା ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ସ୍ୱତନ୍ତ୍ର ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗର ସୁବିଧା ନଥିଲା। ଫଳରେ ଜିଲ୍ଲାର ଅନେକ ରୋଗୀଙ୍କୁ ବିଶେଷଜ୍ଞ ପରାମର୍ଶ ଓ ଉନ୍ନତ ପରୀକ୍ଷା ପାଇଁ ଭୁବନେଶ୍ୱର, କଟକ କିମ୍ବା ରାଜ୍ୟ ବାହାରର ବଡ଼ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଥିଲା।ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟାକୁ ଉପଲବ୍ଧି କରି ବିଧାୟକ ଶ୍ରୀ ଦତ୍ତ ଓଡ଼ିଶା ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଲେଶ୍ୱରରେ ହୃଦରୋଗୀଙ୍କ ପାଇଁ ଆବଶ୍ୟକ ବିଶେଷଜ୍ଞ ସେବା ଓ ଆଧୁନିକ ନିଦାନ ବ୍ୟବସ୍ଥା ଉପଲବ୍ଧ କରାଇବା ଦିଗରେ ସେ ନିରନ୍ତର ଭାବେ ପଦକ୍ଷେପ ନେଇ ଆସୁଥିଲେ। ଏବେ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ ହେବା ସହ ସେହି ଦାବି ବାସ୍ତବ ରୂପ ନେଇଛି। ନୂତନ ହୃଦରୋଗ ବହିର୍ବିଭାଗରେ ହୃଦରୋଗ ବିଶେଷଜ୍ଞଙ୍କ ସେବା ସହ ଆଧୁନିକ ଇକୋ ମେସିନର ସୁବିଧା ମଧ୍ୟ ଉପଲବ୍ଧ ହୋଇଛି। ଏହାଦ୍ୱାରା ହୃଦରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ପରୀକ୍ଷା, ନିଦାନ, ବିଶେଷଜ୍ଞ ପରାମର୍ଶ ଓ ଆବଶ୍ୟକ ଚିକିତ୍ସା ସେବା ଜିଲ୍ଲାସ୍ତରରେ ଆହୁରି ସୁବିଧାଜନକ ହେବ। ବିଶେଷକରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଦୂରଦୂରାନ୍ତର ରୋଗୀମାନେ ଏଥିରୁ ବିଶେଷ ଭାବେ ଉପକୃତ ହେବେ। କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ଉତ୍ତର ଓଡ଼ିଶାର ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ସେବା ବେଶ ଉପଯୋଗୀ ହେବ। ସ୍ଥାନୀୟ ସ୍ତରରେ ବିଶେଷଜ୍ଞ ସେବା ଉପଲବ୍ଧ ହେବା ଫଳରେ ରୋଗୀଙ୍କ ସମୟ ଓ ଖର୍ଚ୍ଚ ହ୍ରାସ ପାଇବା ସହ ଠିକ୍ ସମୟରେ ରୋଗ ଚିହ୍ନଟ ଓ ଚିକିତ୍ସାର ସୁଯୋଗ ବୃଦ୍ଧି ପାଇବ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ କହିଛନ୍ତି ଯେ, ବାଲେଶ୍ୱରବାସୀଙ୍କୁ ନିଜ ଜିଲ୍ଲାରେ ଆଧୁନିକ, ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ପଦକ୍ଷେପ। ଆଗାମୀ ଦିନରେ ବାଲେଶ୍ୱରର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ ଓ ଉନ୍ନତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିଥିବାରୁ ବିଧାୟକ ଶ୍ରୀ ଦତ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ସେହିପରି ଜିଲ୍ଲାରେ ପ୍ରଥମ ଥର ଏଭଳି ବିଶେଷଜ୍ଞ ହୃଦରୋଗ ସେବା ଆରମ୍ଭ ହୋଇଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇବା ସହ ବିଧାୟକଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଦିଲ୍ଲୀପ ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭୁବନେଶ୍ୱର-କଟକ କମିଶନରେଟ୍ ...

ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି କଟକର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାର୍ବଣ ସମୟରେ ନିରନ୍ତର ନଜର ରଖି ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବା ସହ ଆବଶ୍ୟକତା ଅନୁଯାୟୀ ଫୋର୍ସ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା। ବୈଠକରେ ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ, ଏନ୍‌ଡିପିଏସ୍ ଆଇନର କଡ଼ା ପ୍ରବର୍ତ୍ତନ, ଅବକାରୀ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ନିୟମିତ ଚଢ଼ାଉ ଓ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ନିଶାମୁକ୍ତ ଓଡ଼ିଶା ଅଭିଯାନ'କୁ ଆହୁରି ସଶକ୍ତ କରି ନିଶାଦ୍ରବ୍ୟର ଚୋରାଚାଲାଣ ଓ ନେଟୱାର୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ସେହିପରି ସାଇବର ଅପରାଧ ଓ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ହେଉଥିବା ଅପରାଧ ଉପରେ ମଧ୍ୟ ବିଶେଷ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରାଧରେ ବ୍ୟବହୃତ ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ, ଆବଶ୍ୟକ ମାମଲାଗୁଡ଼ିକୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକରଣ ଏବଂ ଅପରାଧୀ ନେଟୱାର୍କ ବିରୋଧରେ ସମନ୍ୱିତ ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ...

ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପରେ ଯଦି ଦାବି ପୂରଣ ନ ହେବ ତେବେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ କରାଯିବ। ଏହା ପରେ ଆସନ୍ତା ଅକ୍ଟୋବର ୨୬ ପରଠାରୁ ଆମରଣ ଅନଶନ କରାଯିବ ବୋଲି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ଚେତାବନୀ ଦେଇଛି।

## ଏସଟି ଏସସି ବିଭାଗର ୨...

ଅଭିଯୋଗର ସତ୍ୟତା ଜାଣିବା ପରେ ଭିଜିଲାନ୍ସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଅଦ୍ୟାବଧି ଚଢ଼ାଉ ଏବେ ମଧ୍ୟ ଜାରି ରହିଛି ବୋଲି ଆଜି ବାରିପଦା ଭିଜିଲାନ୍ସ କାର୍ଯ୍ୟାଳୟ ଠାରେ ଭିଜିଲାନ୍ସ ଏସପି ଅରୁଣ କୁମାର ନାୟକ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ...

ସୁରମା ପାଢ଼ୀ ସେମାନଙ୍କ ପିଟିସନ୍‌କୁ ଖାରଜ କରିଦେଇଥିଲେ। ଏବେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯିବାକୁ ପୁଣି କହିଛି ବିଜେଡି। ସେପଟେ ବିଜେପି କଟାକ୍ଷ କରି କହିଛି ବିଜେଡି ରାଜ୍ୟସଭା ନିର୍ବାଚନବେଳେ ନିଜ ବିଧାୟକଙ୍କ ସହ ଆଲୋଚନା ନକରି ପ୍ରାର୍ଥୀ ଚୟନ କଲେ। ତେଣୁ ବିଧାୟକମାନେ ନିଜ ନିଜ ଇଚ୍ଛାରେ ଭୋଟ୍ ଦେଲେ। ରାଜ୍ୟସଭା ନିର୍ବାଚନ ପାଇଁ ବିବେକାନୁମୋଦିତ ଭୋଟ୍ ହୁଏ। ଏଥିପାଇଁ ଦଳୀୟ ହ୍ୱିପ୍ ଲାଗୁ ହୁଏ ନାହିଁ। ଅନ୍ୟପଟେ ବିଜେଡିର ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି, ସେ ଆଇନ ଅନୁଯାୟୀ ଭୋଟ୍ ଦେଇଥିଲେ। ଏଥିରେ ତାଙ୍କର କୌଣସି ସମସ୍ୟା ହେବନି। ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ କ୍ରସ ଭୋଟିଂ କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଦଳବିରୋଧୀ ଦର୍ଶାଇ ବାଚସ୍ପତିଙ୍କ ନିକଟରେ ଫେରାଦ ହୋଇଥିଲେ ଉଭୟ ଦଳ।

## ଭୁବନେଶ୍ୱର ଆରଆଣ୍ଡବି...

ନିର୍ଦ୍ଧାରଣ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପଦକ୍ଷେପ ସମ୍ପର୍କରେ ସୁପାରିଶ ଦେବାକୁ ମଧ୍ୟ କୁହାଯାଇଛି। ଏଥିସହ ନିର୍ମାଣ ବିଭାଗର ସମସ୍ତ ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଡିଟ୍ ହୋଇନଥିବା ହିସାବ ଯାଞ୍ଚ କରି ସମ୍ପୃକ୍ତ ସିସିଇଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଅତ୍ୟନ୍ତ ଜରୁରୀ ଭାବେ ଗ୍ରହଣ କରିବା ସହିତ ତଦନ୍ତ ରିପୋର୍ଟ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ହାଟରେ ପଶି ଆଳୁ ଖାଇଲା ଦନ୍ତାହାତୀ: ଲୋକେ ଭୟଭୀତ

ବାରିପଦା , ୧୧/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ବୋଡ଼ର ପଣିଶାପଡା ହାଟରେ ଜଙ୍ଗଲୀ ଦନ୍ତାହାତୀ ପଶି ଦୋକାନୀଙ୍କ ଆଳୁ ଖାଇଦେଇଥିବାର ଦେଖା ଯାଇଛି। ତେବେ ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଏକ ଦନ୍ତାହାତୀ ହାଟରେ ପଶି ଆଳୁ ଖାଉଥିବା ଦେଖିବାକୁ ମିଳିଛି। ଯାହାର ଭିଡିଓ ବେଶ ଭାଇରାଲ ହେଉଛି। ଦୁଇ ଦିନ ପୂର୍ବରୁ ଜଳେଶ୍ୱର - ବାରିପଦା ମୁଖ୍ୟ ରାସ୍ତାର ଡେଙ୍ଗାନାଳିଆ ଠାରେ ହାତି ଛିଡା ହୋଇ ରହିଥିଲା। ଫଳରେ ଦୀର୍ଘ ସମୟଧରି ଯାତାୟାତ ଠପ ହୋଇଥିଲା। ତେବେ ଆଜି ପୁଣି ଏକ ଦନ୍ତାହାତୀ ମୟୂରଭଞ୍ଜ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ବଡୋର ପଣିଶାପଡା ହାଟକୁ ପ୍ରବେଶ କରିବା ପରେ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଧାଇଁ ଥିଲେ। ଦନ୍ତାହାତୀଟି ହାଟରେ ଥିବା ଏକ ଆଳୁ ବସ୍ତା କୁ ଟାଣିଆଣି ଖାଉଥିବା ଦେଖିବାକୁ ମିଳିଛି। ହାତୀଟି ଆଳୁ ଖାଇବା ପରେ ଜଙ୍ଗଲକୁ ପଳାଇଥିଲା। ହାତୀ ଟି କାହାରି କିଛି କ୍ଷୟକ୍ଷତି କରିନଥିବା ଜଣାପଡିଛି। ହାତୀକୁ ଦେଖିବା ପାଇଁ ଲୋକଙ୍କର ଭିଡ଼ ଜମିଥିଲା।

# ବାରିପଦା ଇନରହ୍ୱିଲ କ୍ଲବର ସ୍ୱାକ୍ଷରତା ଦିବସ ପାଳିତ: ସମ୍ବର୍ଦ୍ଧିତ ହେଲେ ୬ ଶିକ୍ଷୟିତ୍ରୀ




ବାରିପଦା , ୧୧/୯ (ନି.ପ୍ର): ବାରିପଦା ଇନରହ୍ୱିଲ କ୍ଲବ ଆନୁକୂଲ୍ୟରେ ଆନ୍ତର୍ଜାତିକ ସ୍ୱାକ୍ଷରତା ଦିବସ ରୋଟାରୀ କ୍ଲବ ସଭାଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ଇନରହ୍ୱିଲ କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚୀବ କୁକୁମିନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଶ ଗଠନରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ। ସ୍ୱାକ୍ଷରତା ଦିଗରେ ଇନରହ୍ୱିଲ କ୍ଲବର ଭୂମିକା ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ ସଂପାଦିକା ସଂଯୁକ୍ତା ଚାନ୍ଦ। ଏହି ଅବସରରେ ଶିକ୍ଷା କ୍ଷେତ୍ରକୁ ବିଶେଷ ଅବଦାନ ପାଇଁ ସୁଶ୍ରୀ ଭାରତୀ ବେବର୍ତ୍ତା, ମାନସୀ ସେଠୀ, ବିଷ୍ଣୁପ୍ରିୟା ମଲ୍ଲିକ, ପ୍ରତିଭା ସି, ଶ୍ୟାମଳୀ ପଟ୍ଟନାୟକ ଏବଂ ଗାୟତ୍ରୀ ବେହେରା ପ୍ରମୁଖ ୬ ଜଣ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରଣତି ଦାସଙ୍କ ମଞ୍ଚ ପରିଚାଳନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ନର୍ମଦା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଭାରତୀ ବେବର୍ତ୍ତା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଗୋଟିଏ ପରିବାରର ମାତା ଓ ପୁତ୍ର

ଉଦଳା , ୧୧/୯ (ନି.ପ୍ର): କପ୍ତିପଦା ବ୍ଲକର ଶାଳଚୁଆ ପଂଚାୟତ ଅନ୍ତର୍ଗତ ଗେଣ୍ଡାଗଡ଼ିଆ ଗ୍ରାମର ବାସିନ୍ଦା ଭଗବାନ ହାଁସଦାଙ୍କର ସହ ଧର୍ମିଣି ଡୁମି ମୁର୍ମୁ ଓ ତାଙ୍କର ୮ ବର୍ଷ ବୟସର ପୁତ୍ର ସୁମନ ହାଁସଦା ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଉକ୍ତ ପରିବାରର ୨ ଜଣ ସଦସ୍ୟ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ଡୁମି ମୁର୍ମୁଙ୍କ କହିବା ଅନୁସାରେ ତାଙ୍କର ବାପ ଘର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ିରେ । ଏଠାରେ ତାଙ୍କୁ ପ୍ରତିମାସ ଚାଉଳ ମିଳୁଥିଲା । ସେ ବିବାହ କରି ଗେଣ୍ଡାଗଡ଼ିଆ ଗ୍ରାମକୁ ଚାଲି ଆସିବା ପରେ ଆଜକୁ ଦିର୍ଘ ବର୍ଷ ଧରି ତାଙ୍କୁ କୌଣସି ସ୍ଥାନରୁ ଚାଉଳ ମିଳୁନାହିଁ । ସେହିପରି ତାଙ୍କର ୮ ବର୍ଷ ବୟସର ପୁତ୍ର ସୁମନଙ୍କ ନାମ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଏପର୍ଯ୍ୟନ୍ତ ଯୋଡ଼ାଯାଇ ପାରି ନାହିଁ । ଫଳରେ ସେ ମଧ୍ୟ ଚାଉଳ ପାଉନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ପରିବାରର ଲୋକେ ଅଭିଯୋଗ କରିଛନ୍ତି । ଆବାସ ଯୋଜନାରେ ଘର ମିଳିନଥିବାରୁ ମାଟି କାନ୍ଥ ଓ ନଡ଼ା ଛପର ଘରେ ଦିନ କାଟିବାକୁ ପୁରା ପରିବାର ବାଧ ହୋଇଥିବାର ଜଣାଇଛନ୍ତି । ଏହାର ତଦନ୍ତ କରି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ରୂପସା , ୧୧/୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଜୀ ଙ୍କର ୭୮ ତମ,ତାଙ୍କ ନାତୁଣୀ ଅର୍ଥାତ ତାଙ୍କ ଜ୍ୟେଷ୍ଠା କନ୍ୟା ମୁନିମତୀ ସୋଦାମିନୀ ବାରିକ-ଡକ୍ଟର ସୁଚିତ୍ର ନାୟକଙ୍କର କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶିନୀ ନାୟକଙ୍କ ୧୧ତମ ସହିତ ମୁନିକୁମାର ରାକେଶ ମହାପାତ୍ରଙ୍କର ଶୁଭ ଜନ୍ମଦିନ,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ ଆଶ୍ରମର ଯୋଗ ଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ।ପ୍ରଥମେ ଶିବମୁନିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ତା'ପରେ ସମୂହ ପ୍ରଣବ ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ସମସ୍ତଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟାକ୍ଷା ମୁନି ରାଜ୍ଞୀ କନକଲତା ମହାପାତ୍ର, ଶକୁନ୍ତଳା ପରିଡ଼ା, ବାସନ୍ତୀ ମହାଳିକ, ବିମଳା ଲେଙ୍କା, ସରସ୍ୱତୀ ନନ୍ଦ, ଗୋରିମଣୀ ସାହୁ, ଯମୁନା ପାତ୍ର,କୁନି ମାଝୀ,ଉର୍ମିଳା ରାଉଳ,ନିନ ସାହୁ,କୈକେୟୀ ଜେନା, ଲକ୍ଷ୍ମୀ ପ୍ରୀୟା ମହାପାତ୍ର ,ମୁନି ଭଗବାନ ଜେନା,ଯୋଗେନ୍ଦ୍ର ବେହେରା,ମୁନି ଧୀରୋଜ ବିଶ୍ୱାଳ, ଜଗଦୀଶ ପରିଡା ,ସତ୍ୟ ସେନାପତି,ମୁନିମତୀ ସୀତା ବେହେରା,ବାସନ୍ତୀ ପରିଡ଼ା,ମମତା ମହାପାତ୍ର ଏବଂ ମୁନିମତୀ ଜାହ୍ନବୀ ଗିରି ପ୍ରମୁଖ ଶିବମୁନିଜୀଙ୍କ ପରିବାରର ବହୁ ସଦସ୍ୟ ସଦସ୍ୟା ମାନେ । ଶେଷରେ ଆଶ୍ରମର ଆତ୍ମଜ୍ଞାନୀ ଯୋଗଶିକ୍ଷକ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରାଇଥିଲେ।

# ଅମର୍ଦ୍ଦାରୋଡ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟରେ ନର୍ଥ ଜୋନସ୍ତରୀୟ କ୍ରୀଡା ମହୋତ୍ସବ




ବସ୍ତା , ୧୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦାରୋଡ ସ୍ଥିତ ସିଦ୍ଧେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ନର୍ଥ ଜୋନ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ ଅନ୍ତର୍ଗତ ବିଭିନ୍ନ ସ୍କୁଲର ୧୪ ରୁ ୧୭ ବର୍ଷ ବର୍ଗର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଦଘାଟନି ସଭାରେ ବିଦ୍ୟା ଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀଙ୍କ ସଭାପତିତ୍ୱ କରିଥିଲେ।ସେ ନିଜ ଅଭିଭାଷଣରେ କହିଥିଲେ ଯେ, କ୍ରୀଡା ଛାତ୍ର/ଛାତ୍ରୀଙ୍କୁ ଶାରୀରିକ ସୁସ୍ଥତା ସହିତ ମାନସିକ ଦୃଢ଼ତା, ଶୃଙ୍ଖଳା,ଧୈର୍ଯ୍ୟ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ। ଜିତିବା ଅପେକ୍ଷା ଖେଳର ନିୟମ ମାନି ସତ୍ୟନିଷ୍ଠା ଓ କ୍ରୀଡ଼ାସୁଲଭ ଗୁଣ ମନୋ ଭାବରେ ଅଂଶ ଗ୍ରହଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଛାତ୍ର/ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସିଆରସିସି ଗଣେଶ ଚନ୍ଦ୍ର ଜେନା,ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରି ଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା, ସମିତିସଭ୍ୟା ପ୍ରତିନିଧି ଗଣେଶ ଚଣ୍ଡ ଓ ପରିଚାଳନା କମିଟି ସଦସ୍ୟ ଅଜୟ କୁମାର ସ୍ୱାଇଁ,ଖେଳ ଶିକ୍ଷୟତ୍ରୀ ଅର୍ଣ୍ଣପୂର୍ଣ୍ଣା ଦେ, ପ୍ରମୁଖ ଯୋଗଦେଇ ଛାତ୍ର/ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କର୍ଯ୍ୟକ୍ରମରେ ଅତିଥି ପରିଚୟ ଶିକ୍ଷକ ପ୍ରସନ କୁମାର ଦାସ,ମଞ୍ଚ ପରିଚାଳନା ଶିକ୍ଷକ ପ୍ରଦୀପ କୁମାର ଦାସ ଓ ଶିକ୍ଷକ ହୃଷିକେଶ ଜେନା ପ୍ରଥମେ ବେଦ ପାଠ କରିଥଲେ।ଛାତ୍ର ଛାତ୍ରୀ ମାନଙ୍କୁ ନେଇ, ଦୌଡ, କବାଡି, କ୍ରିକେଟ, ଭଲିବଲ, ଫୁଟବଲ ଆଦି ବିଭିନ୍ନ ପ୍ରକାରର ଖେଳ ଆୟୋଜନ ହେଇଥିବା ବେଳେ ନର୍ଥ ଜୋନର କ୍ରୀଡା ଶିକ୍ଷକ ମହେନ୍ଦ୍ର ବେହେରା,ସୁନା ରାମ ସେଠି,କରୁଣା କର ମୁର୍ମୁ, ରତିକାନ୍ତ ମଣ୍ଡଳ ଓ ଶିକ୍ଷକ/ଶିକ୍ଷୟତ୍ରି ମାନେ ଖେଳ ପରିଚାଳନା କରିଥିଲେ।ଏହି କ୍ରୀଡା ଆୟୋଜନକୁ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସଫଳ କରିବାରେ ସହଯୋଗ କରିଥିଲେ।ଶେଷରେ ସ୍କୁଲର କ୍ରୀଡା ଶିକ୍ଷୟତ୍ରୀ ଅର୍ଣ୍ଣ ପୂର୍ଣ୍ଣା ଦେ ଧନ୍ୟବାଦ ଅର୍ପଣ କରି ଥିଲେ।

# ସମାଜସେବୀ ଉଷାରାଣୀ ମହାନ୍ତିଙ୍କ ପରଲୋକ



ବାସୁଦେବପୁର , ୧୧/୯ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତିଙ୍କ ଧର୍ମ ପତ୍ନୀ ତଥା ବିଶିଷ୍ଟ ସମାଜସେବୀ ଉଷାରାଣୀ ମହାନ୍ତିଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଉଷାରାଣୀ ମହାନ୍ତି ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମ ପରାୟଣ ମହିଳା ଥିଲେ। ଉଷାରାଣୀ ମହାନ୍ତିଙ୍କ ପରଲୋକରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ନାରୀନେତ୍ରୀ ବନଲତା ଜେନା, ପୌର ଅଧ୍ୟକ୍ଷା ନିବେଦିତା ବେହେରା,ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ନାରୀନେତ୍ରୀ ମମତା ଜେନା, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କିଶୋର କୁମାର ମହାପାତ୍ର, ବରିଷ୍ଠ ବିଜେପି ନେତା ଭାଗୀରଥି ବଳ, ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବରିଷ୍ଠ ନେତା ଗୌତମ ସେଠୀ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ୍, ମାନସ ସାହୁ,ବିଜେପିର ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକ୍, ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ମାନସ ରଞ୍ଜନ ମହାନ୍ତି, ବାସୁଦେବପୁର ପ୍ରେସ କ୍ଲବ୍ ଓ ସାମ୍ବାଦିକ ସଂଘ,ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ସମାଜସେବୀ ଟୁନା ସାମଲ,ବିଶିଷ୍ଟ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା,ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଐତିହାସିକ ଓ ଗବେଷକ ଅଜୟ କୁମାର ପଣ୍ଡା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ଅନନ୍ତ ନାରାୟଣ ମହାନ୍ତି, ପୁତ୍ର ଅମର ନାରାୟଣ ମହାନ୍ତି, କନ୍ୟା,ନାତି ଅଭିଷେକ ଅଭିନନ୍ଦନ ମହାନ୍ତି, ନାତି, ନାତୁଣୀ,ପୁତ୍ର ବଧୂ, ଜ୍ୱାଇଁ, ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ସମାଜସେବୀ ଉଷାରାଣୀ ମହାନ୍ତିଙ୍କ ପରଲୋକରେ ବାସୁଦେବପୁର, ରକ୍ତତୀର୍ଥ ଇରମ, ଭଦ୍ରକ ତଥା ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି।

# ଡକ୍ଟର ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୯ (ନି.ପ୍ର): ଡକ୍ଟର ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପରମ ପୂଜନୀୟ ସରସଂଘଚାଳକ ଆଦରଣୀୟ ଶ୍ରୀ ଡ.ମୋହନ ଭାଗବତଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ନିରନ୍ତର ଶକ୍ତି ପ୍ରଦାନ କରନ୍ତୁ । ଆପଣଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନ ରାଷ୍ଟ୍ରସେବାର ଭାବନାକୁ ନିରନ୍ତର ସୁଦୃଢ଼ କରୁ ।

# ଗଣେଶ ପୂଜା ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ନିଷେଧ: ନିର୍ଦ୍ଧାରିତ ଶବ୍ଦ ସୀମା ଉଲ୍ଲଂଘନ କଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ

ଭଦ୍ରକ, ୧୧/୦୯: ଆସନ୍ତା ଗଣେଶ ପୂଜା ଓ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବେ ପାଳନ ସହ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟରେ ଭଦ୍ରକ ଉପଖଣ୍ଡରେ ଗଣେଶ ପୂଜା ଶୋଭାଯାତ୍ରା ସମୟରେ ଡିଜେ, ଡିଜେ ବକ୍ସ, ହାଇ-ପାୱାର ସାଉଣ୍ଡ ସିଷ୍ଟମ ଓ ଅନୁରୂପ ଉଚ୍ଚଶବ୍ଦ ବର୍ଦ୍ଧକ ଯନ୍ତ୍ର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଏ ସମ୍ପର୍କରେ ଭଦ୍ରକ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣେଶ ପୂଜା ଶୋଭାଯାତ୍ରାରେ ଶୋଭାଯାତ୍ରାର ପରିମାଣ, ସମୟ କିମ୍ବା ରୁଟ୍? ନିର୍ବିଶେଷରେ ଡିଜେ କିମ୍ବା ଉଚ୍ଚଶକ୍ତିସମ୍ପନ୍ନ ସାଉଣ୍ଡ ସିଷ୍ଟମକୁ ଅନୁମତି ଦିଆଯିବ ନାହିଁ। ଆଇନସମ୍ମତ ଭାବେ ଷ୍ଟାଣ୍ଡାର୍ଡ ଲାଉଡ୍‌ସ୍ପିକର କିମ୍ବା ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ବ୍ୟବହାର କରାଗଲେ ମଧ୍ୟ ପ୍ରଚଳିତ ଲାଉଡ୍‌ସ୍ପିକର ନିୟମ ଓ ଶବ୍ଦ ପ୍ରଦୂଷଣ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ବିଶେଷକରି ଆବାସିକ ଅଞ୍ଚଳ, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ନିକଟରେ ଶବ୍ଦସ୍ତର ଉପରେ ନଜର ରଖାଯିବ।ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି କିମ୍ବା ବୈଧ ଲାଇସେନ୍ସ ବିନା ଲାଉଡ୍‌ସ୍ପିକର, ଆମ୍ପ୍ଲିଫାୟର କିମ୍ବା ଅନ୍ୟ ଅଡିଓ ଯନ୍ତ୍ର ବ୍ୟବହାର କରାଯାଇପାରିବ ନାହିଁ। ରାତିର ନିଷିଦ୍ଧ ସମୟ ମଧ୍ୟରେ କୌଣସି ପ୍ରକାର ଶବ୍ଦ ଉତ୍ପାଦନକାରୀ ଯନ୍ତ୍ର ଚାଲୁ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଥାନାର ଓଉମାନେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ତହସିଲଦାର ଓ ସ୍ଥାନୀୟ ପୂଜା କମିଟି ସହ ସମନ୍ୱୟ ରଖି ଏହି ନିର୍ଦ୍ଦେଶଗୁଡ଼ିକ ପୂଜା କମିଟି ଓ ଆୟୋଜକମାନଙ୍କୁ ପୂର୍ବରୁ ଅବଗତ କରାଇବେ।

# ପିକ୍ ଅପ-ବାଇକ ଦୁର୍ଘଟଣାରେ ଗୁରୁତର ଆହତଙ୍କର ଆଜି କଟକରେ ମୃତ୍ୟୁ



ବୈଶିଙ୍ଗା , ୧୧/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁପ୍ସା ରାସ୍ତାର କଦଳିଆ ନିକଟରେ ବୁଧବାର ରାତି ୮ ଘଟିକା ସମୟରେ ଗୋଟିଏ ବାଇକ ରେ ସ୍ୱାମୀ ସ୍ତ୍ରୀ ଦୁହେଁ ଆସୁଥିବା ବେଳେ ଏକ ଅଜଣା ପିକ୍ ଅପ୍ ଗାଡି ଧକ୍କା ଦେଇ ଦୃତ ଗତିରେ ରୁପ୍ସା ଦିଗରେ ପଳାଇ ଯାଇଥିଲା । ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇଥିଲେ । ଖବର ରୁ ପ୍ରକାଶ ବଡସାହି ଥାନା ଅନ୍ତର୍ଗତ କେନ୍ଦୁଡିହା ଗ୍ରାମର ରମେଶ ବେହେରା(୫୫) ତାଙ୍କ ସ୍ତ୍ରୀ ଯଶୋଦା ବେହେରା (୪୫) ନିଜର ବାଇକ ନଂ ଓ ଆର ୧୧ଏଫ୍-୧୩୦୧ରେ ନିଜ ଘରକୁ ଫେରୁଥିଲେ। କଦଳିଆ ନିକଟରେ ତାଙ୍କୁ ଏକ ପିକ୍ ଅପ୍ ଧକ୍କା ଦେଇ ପଳାଇ ଯାଇଥିଲା । ବୈଶିଙ୍ଗା ହସ୍ପିଟାଲ ରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାମୀ ରମେଶ ଙ୍କର ଗୋଡ ଭାଙ୍ଗି ଗୁରୁତର ହୋଇ ଯାଇଥିବାରୁ ବାଲେଶ୍ୱର ରେଫର କରାଯାଇଥିଲା । ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଆଜି ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣା ଯାଇଛି । ସେଠାରେ ବ୍ୟବଚ୍ଛେଦ ପରେ ମର ଶରୀରକୁ ନିଜ ଗ୍ରାମ କେନ୍ଦୁଡିହା ଆଣି ଶବସତ୍କାର କରାଯାଇଥିବା ଜଣାଯାଇଛି ।

# ଦଶମ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ୱାର୍କ- ୨୦୨୬ ଅନୁଷ୍ଠିତ



ନୀଳଗିରି , ୧୧/୯ (ନି.ପ୍ର): ନୀଳଗିରି ବ୍ଲକ୍ ଜାମୁଡିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ପ୍ରତିଷ୍ଠାଦିବସ ଉପଲକ୍ଷେ ସ୍ୱାର୍କ - ୨୦୨୬ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରକୃତ ପ୍ରତିଷ୍ଠାଦିବସ ସେପ୍ଟେମ୍ବର ୧୯ତାରିଖରେ ହୋଇଥିବା ବେଳେ ଏହି ଦିବସରେ ଜିଲ୍ଲାସ୍ତରରେ ପାଳନ କରାଯାଉଥିବାରୁ ଶୁକ୍ରବାର ସେପ୍ଟେମ୍ବର ୧୧ତାରିଖ ବିଦ୍ୟାଳୟ ପରିସରରେ ଦଶମ ପ୍ରତିଷ୍ଠାଦିବସ ସ୍ୱାର୍କ୍ -୨ ୦୨୬ପାଳନ କରାଯାଇଛି। ଏହି ଅବସରରେ ୧୨ନଂ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସିଂ, ଜାମୁଡିହା ଅର୍ଜୁନ ଆଚାର୍ଯ୍ୟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ମୁଖ୍ୟବକ୍ତା, ଜଡିବାଲି କ୍ଲଷ୍ଟର ସଂଯୋଜକ ତପନ କୁମାର ଜେନା ସମ୍ମାନିତଅତିଥି ଭାବରେ ଯୋଗଦେଇ ପରମଆରାଧ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ପ୍ରଥମେ ସ୍ୱାଗତସଙ୍ଗୀତ ପରିବେଷଣ କରାଯାଇଥିଲା। ଉତ୍ତମ ବିଦ୍ୟାର୍ଥୀ ସହିତ ଚରିତ୍ରବାନ ହୋଇ ପିତାମାତା ଏବଂ ସମାଜର ସେବାରେ ନିୟୋଜିତ କରିବାକୁ ଅତିଥିମାନେ ଉପସ୍ଥିତ ପିଲାମାନଙ୍କୁ ନିଜ ବକ୍ତବ୍ୟରେ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜ୍ୟୋତିଶ୍ରୀ ମଲ୍ଲିକ ମଞ୍ଚପରିଚାଳନା କରିଥିବା ବେଳେ ଶିକ୍ଷକ କରୁଣାକର ପଣ୍ଡା, ଚିତ୍ତରଞ୍ଜନ ଆଚାର୍ଯ୍ୟ, ଲମ୍ବୋଦର ମହାରଣା, ମୃତ୍ୟୁଞ୍ଜୟ ପାତ୍ର, ବାସୁଦେବ ଦାସ, ପ୍ରତୀକ ପ୍ରିୟଦର୍ଶନ ପରିଡା, ପ୍ରଶାନ୍ତ ବାରିକ, ସୁକାନ୍ତ ଘଡ଼େଇ, ମନିଷା ମହାକୁଡ, ବର୍ଷାରାଣୀ ପଣ୍ଡା, ସୌମ୍ୟା ସୁଚରିତା ସାହୁ, ସ୍ମୃତିସ୍ନିଗ୍ଧା ସାହୁ, ମମତାରାଣୀ ସାମଲ, ପ୍ରିୟଙ୍କା ଜେନା, ଜ୍ୟୋତି ମିଶ୍ର, ଅନୁଶ୍ରି ବେହେରା ମିରାଶ୍ରୀ ବାରିକ, ସୁଶ୍ରୀ ଦାସ ଅଧିକାରୀ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ପରେ ତର୍କ, କୁଇଜ୍ , ବାଗ୍ମୀତା,ରଚନା, ଫକଡେନ୍ସ, ଡ୍ରଇଂ , ପେଣ୍ଟିଂ ପ୍ରଭୃତିରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋନାଲି ମାର୍ଣ୍ଡି, ରାଜକୁମାର ରାଉତ, ଚନ୍ଦ୍ରଶେଖର ସାହୁ, ତପନ ପରିଡା, ନମିତା ପରିଡା, ସିଲିସ୍ୱପ୍ନା ଖୁଣ୍ଟିଆ ପ୍ରମୁଖ ଅଣଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

# ବିବେକାନନ୍ଦ କେନ୍ଦ୍ରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ




ବାଲେଶ୍ୱର , ୧୧/୯ (ନି.ପ୍ର): ପ୍ରତିବର୍ଷ ଭଳି ଏବର୍ଷ ମଧ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଲେଶ୍ୱର ଶାଖା ବିବେକାନନ୍ଦ କେନ୍ଦ୍ର ଆନୁକୁଲ୍ୟରେ ବିଶ୍ୱ ଭାତୃତ୍ୱ ଦିବସ ସ୍ଥାନୀୟ ଆତିଥ୍ୟ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରାଧକ୍ଷ ଡ.ନିରଞ୍ଜନ ଦାଶ ଏଥିରେ ଅଧକ୍ଷତା କରିଥିବାବେଳେ ସଂପର୍କ ପ୍ରମୁଖ ନିରଞ୍ଜନ ପଣ୍ଡା ସଭା ସଂଯୋଜନା କରିଥିଲେ। ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମିଶନର ମହାରାଜ ଅଦ୍ୱୟାନନ୍ଦ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଧାତ୍ମିକ ପରିବେଶ ପବିତ୍ର ପାବନ ସନ୍ଧ୍ୟାରେ ମହାରାଜ ଅଦ୍ୱୟାନନ୍ଦ ଜୀ ସ୍ୱାମୀଜୀଙ୍କ ଆମେରିକାର ଚିକାଗୋ ବକ୍ତବ୍ୟର ସାରାଂଶ ସହିତ ବିଶ୍ୱ ଭାତୃତ୍ୱ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ।ଏଥିସହିତ ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଓ ସାମାଜିକ ମୂଲ୍ୟବୋଧ ଉପରେ ସୁମଧୁର ବକ୍ତବ୍ୟ ପ୍ରଦାନ କରି ଶ୍ରୋତା ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ସଭାରେ ପ୍ରାନ୍ତ ପ୍ରମୁଖ ପ୍ରେମାନନ୍ଦ ପିରି, ରାଧାକୃଷ୍ଣ ଆଚାର୍ଯ୍ୟ, ପ୍ୟାରେଲାଲ ଶର୍ମା,ଅରୁଣ କୁମାର ବେହେରା,ଗୟାଧର କର , ସୁଶ୍ରୀ ସଂଗୀତା ଦାଶ , ଦେବାଶିଷ ଦାସ, ଅଶୋକ କୁମାର ସାହୁ, ପ୍ରଦୀପ ମହାପାତ୍ର, ହିମାଂଶୁ ଯେନା, ସୁରଞ୍ଜିତା ଦାସ, ମୀନତି ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବାଲିଘାଟ ଅଞ୍ଚଳରୁ ବ୍ରାଉନସୁଗର ବେପାରୀ ଶେଖ କୁର୍ବାନ ଗିରଫ: ୫୯ ଗ୍ରାମ ଧଳା ଜହର ସମେତ ସ୍କୁଟି ଓ ସେଲ ଫୋନ ଜବତ



ବାଲେଶ୍ୱର , ୧୧/୯ (ନି.ପ୍ର): ବାଲେଶ୍ୱର ସହରରେ ପୁଣି ଧଳାଜହର କାରବାର ବିରୋଧରେ ପୁଲିସକୁ ମିଳିଛି ବଡ଼ ସଫଳତା। ବାଲେଶ୍ୱର ଟାଉନ ଥାନା ପୁଲିସ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫୯ ଗ୍ରାମ ବ୍ରାଉନସୁଗାର ଜବତ କରିଛି।ଏହା ସହିତ ଏକ ଧଳା ରଙ୍ଗ ର ସ୍କୁଟି ଓ ସେଲ ଫୋନ ଜବତ କରିଛି ଟାଉନ ଥାନା ପୋଲିସ।ଗିରଫ ଯୁବକ ଜଣକ ସ୍ଥାନୀୟ ସ୍କୁଲ ବଜାର ଅଞ୍ଚଳର ଶେଖ କୁରବାନ କୁର୍ବାନ(୨୪) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାଲିଘାଟ ନିକଟରେ ନିଶା କାରବାର ପାଇଁ ଡିଲ୍ ଚାଲିଥିବା ନେଇ ଟାଉନ ଥାନା ଆଇ ଆଇ ସି ଙ୍କୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଟାଉନ ଥାନା ପୁଲିସ ଟିମ୍ ଓ ଜଣେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ତୁରନ୍ତ ବାଲିଘାଟ ପୋଲ ନିକଟ ରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଭିଯୁକ୍ତ ଯୁବକ ଶେଖ କୁର୍ବାନ(୨୪)କୁ ଧରିବାରେ ପୁଲିସ ସଫଳ ହୋଇଥିଲା।ତାଙ୍କୁ ତଲାସି କରିବା ପରେ ତାଙ୍କ ପାଖରୁ ୫୯ ଗ୍ରାମ ନିଶାଦ୍ରବ୍ୟ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହା ସହିତ ନିଶା ଚାଲାଣରେ ବ୍ୟବହୃତ ଏକ ସ୍କୁଟି ଓ ଗୋଟିଏ ମୋବାଇଲ୍ ଫୋନ୍ ମଧ ପୁଲିସ ଜବତ କରିଛି। ଜବତ ହୋଇଥିବା ବ୍ରାଉନସୁଗାରର ଆନ୍ତର୍ଯ୍ୟାତିକ ସ୍ତର ରେ ବଜାର ମୂଲ୍ୟ ପ୍ରାୟ ୫୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ପରେଶ କୁମାର ରାଉତ ଏହି ସୂଚନା ପ୍ରଦାନ କରିଛନ୍ତି। ଏହି ନିଶା କାରବାର ପଛରେ ଅନ୍ୟ କାହାର ସମ୍ପୃକ୍ତି ରହିଛି,ଓ କେଉଁ ଠାରୁ ସେ ଏହି ବ୍ରାଉନ ସୁଗର ଆଣୁଥିଲା ସେନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।ତେବେ ଶେଖ କୁରବାନ ଏହି ନିଶା ଦ୍ରବ୍ୟ କୁ ଅରଡ଼ ବଜାର କୁ ଆଣି ଜଣେ ନିଶା ବେପାରୀଙ୍କୁ ହସ୍ତାନ୍ତର କରିବାକୁ ଯୋଜନା କରିଥିଲା ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଶେଖ କୁର୍ବାନ ବିରୋଧରେ ଟାଉନ ଥାନା ରେ ୩୨୦/୨୬ଏତଲା ମୂଳେ ୨୧(ବି )ବି ଏନ ଏସ ଦଫା ରେ ମାମଲା ରୁଜୁ ହୋଇଛି। ଏହି ଆସାମୀ ବିରୋଧ ରେ ପୂର୍ବରୁ ଟାଉନ ଥାନା ରେ ୬୦/ ୨୫ଏତଲା ମୂଳେ ୧୧୫(୨), ୧୨୬(୨)' ୨୯୮,୩୫୧ ଏବଂ ୩(୫) ମୂଳେ ଏକ ମାମଲା ବିଚରାଧୀନ ରହିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ ଟାଉନ ଥାନା ଅଧିକାରୀବିଜୟ କୁମାର ଦାସ ଉପସ୍ଥିତ ଥିଲେ।

## ଦିଲ୍ଲୀ ଡିଭିଜନରେ ପରିଚାଳନ କାରଣରୁ ଅନେକ ଟ୍ରେନ୍ ଚଳାଚଳ ପ୍ରଭାବିତ

ନୂଆଦିଲ୍ଲୀ, ୧୧/୯ (ନି.ପ୍ର): ଦିଲ୍ଲୀ ଡିଭିଜନରେ ରିଚାଳନ କାରଣରୁ ରେଳବାଇ କେତେକ ଟ୍ରେନ୍ ସେବାରେ ଅସ୍ଥାୟୀ ପରିବର୍ତ୍ତନ କରିଛି।ଉତ୍ତର-ପଶ୍ଚିମ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଅମିତ ସୁଦର୍ଶନଙ୍କ କହିବା ଅନୁଯାୟୀ, ଉତ୍ତର-ପଶ୍ଚିମ ରେଳବାଇର କେତେକ ଟ୍ରେନ୍ ସେବା ଆଂଶିକ ଭାବେ ବାତିଲ ରହିବ ଏବଂ କେତେକ ଟ୍ରେନ୍ର ଗତିଥ ପରିବର୍ତ୍ତନ କରାଯିବ।ଟ୍ରେନ୍ ନମ୍ବର ୧୪୭୩୭ ଭିୱାନୀ-ତିଲକବ୍ରିଜ୍ ଟ୍ରେନ୍ ସେବା ୧୨ ଏବଂ ୧୩ ସେପ୍ଟେମ୍ବରରେ ଭିୱାନୀରୁ ପ୍ରସ୍ଥାନ କରିବ ଏବଂ ଶକୁରବସ୍ତି ପର୍ଯ୍ୟନ୍ତ ଚାଲିବ। ଏହି କାରଣରୁ ଶକୁରବସ୍ତି-ତିଲକ ସେତୁ ମଧ୍ୟରେ ରେଳ ସେବା ଆଂଶିକ ଭାବେ ବାତିଲ ରହିବ।ଟ୍ରେନ୍ ନମ୍ବର ୧୪୭୩୮ ତିଲକ ବ୍ରିଜ୍-ଭିୱାନୀ ଟ୍ରେନ୍ ସେବା ତିଲକ ବ୍ରିଜ୍ ପରିବର୍ତ୍ତେ ଶକୁରବସ୍ତି ଠାରୁ ସେପ୍ଟେମ୍ବର ୧୨ ଏବଂ ୧୩ ରେ କାର୍ଯ୍ୟ କରିବ। ଏହି କାରଣରୁ ତିଲକ ସେତୁ-ଶକୁରବସ୍ତି ମଧ୍ୟରେ ଟ୍ରେନ୍ ସେବା ଆଂଶିକ ଭାବେ ବାତିଲ ରହିବ।

# ରାଜଧାନୀରେ କଦଳୀ ଗୋଦାମ ଉପରେ ଚଢ଼ାଉ

ଭୁବନେଶ୍ୱର, ସେପ୍ଟେମ୍ବର ୧୧ (ହି.ସ.)- ରାଜଧାନୀର କଦଳୀ ଗୋଦାମରେ ବଡ଼ଧରଣର ଚଢ଼ାଉ କରିଲା ଫୁଡ଼ ସେଫ୍ଟି ବିଭାଗ। ଅଳିଆ ଗାଡିରେ ବୁହା ହେଲା ବିଷ କଦଳୀ। କଦଳୀକୁ ପାଚିଲା କରିବାରେ ବ୍ୟବହାର ହେଉଥିବା ଇଥୋପନ ଯାହାକୁ ସରକାରୀ ନିୟମ ଅନୁସାରେ ଅଳ୍ପରୁ ଅଳ୍ପ ବ୍ୟବହାର କରାଯିବା କଥା ,ତାକୁ ଗୋଦାମରେ ଗୋଟିଏ ଦିନରେ ମାସକର ବ୍ୟବହାର କରୁଥିବାର କହିଛନ୍ତି ବିଏମସିର ଫୁଡ଼ ସେଫ୍ଟି ଅଫିସର । ଅନ୍ୟପଟେ ପୂଜା ବଜାରରେ ଏ ସବୁ କରି ବ୍ୟବସାୟୀଙ୍କୁ ହଇରାଣ କହୁଥିବାର ଅଭିଯୋଗ କରିଛନ୍ତି ବ୍ୟବସାୟୀ ।

# ବିଦ୍ୟାଳୟରେ ନିଶାବିରୋଧି ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ 'ମନା'ର ନିଷ୍ପତ୍ତି





ବାଲେଶ୍ୱର, ୧୧/୯ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ 'ମନା', ବାଲେଶ୍ୱରର ନବମ ମାସିକ ବୈଠକ ସଭାପତି ଶ୍ରୀଯୁକ୍ତ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟାଳୟମାନଙ୍କରେ ନିଶା ବିରୋଧି ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଆରୋପ କରିଥିବାରୁ ଆଜିର ବୈଠକରେ 'ମନା' ତରଫରୁ ସ୍ୱାଗତ କରାଯାଇଥିଲା ଏବଂ ପୂର୍ବଭଳି ଆଗାମୀ ଦିନରେ 'ମନା' ତା'ର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ନିଷ୍ପତ୍ତି ନିଆଗଲା। ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଜିଲ୍ଲା ସଂଯୋଜକ ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ଅକ୍ଷୟ ତ୍ରିପାଠୀ, କଲ୍ୟାଣୀ ନନ୍ଦ, ଭାସ୍କର ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, ପ୍ରଭାକର ସାହୁ (ଖ), ରବିନାରାୟଣ ଭୋଳ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗଙ୍ଗାଧର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## AFFIDAVIT

By virtue of an affidavit before the executive Magistrate Balasore, I Lizarani Khuntia, W/o- Malaya Kumar Nayak, Vill- Lunga,Po- Lunga, P.s- Basudevpur, Dist- Bhadrak, Pin- 756124, Odisha, declare that I, wholly renounce, relinquish and abandon the use of my former name Lija Khuntia and in place thereof assume from the date hereof the name of Lizarani Khuntia. I will be known as Lizarani Khuntia for all purposes.

**Lizarani Khuntia**

# ଧଳା ଜହର ବେପାରୀଙ୍କୁ କାବୁ କରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ



ବାଲିଆପାଳ , ୧୧/୯ (ନି.ପ୍ର): ବାଲିଆପାଳ ଅଞ୍ଚଳରେ ବଢ଼ିଚାଲିଛି ଧଳାଜହର ରାକେଟ ଟେରେ ପାଉନି ବାଲିଆପାଳ ପୋଲିସ। ଅତିଷ୍ଠ ହେଲେଣି ଗ୍ରାମବାସୀ। ଖୋଲମ୍ ଖୋଲା ରାତି ଦିନ କିଛି ମାନୁନାହାନ୍ତି ବେପାରୀ। ଛକ ବଜାର,ଚା ଦୋକାନୀ କୋଉଠି ବାକି ନାହିଁ ଯୁବ ପୀଢ଼ି ପଥଭ୍ରଷ୍ଟ। ଦୀର୍ଘ ଦିନ ଧରି ବେତଗଡିଆ ପଞ୍ଚାୟତରେ ଥିବା ନାରାୟଣପୁର ଅଞ୍ଚଳରେ ଦିନକୁ ଏହି ଧଳା ଜହରର ସାମ୍ରାଜ୍ୟ ବିସ୍ତାର ହୋଉଥିବାରୁ ଚିନ୍ତାରେ ଗ୍ରାମବାସୀ। ଶୁକ୍ରବାର ସକାଳେ ବାଇକରେ ସ୍ଥାନୀୟ ଯୁବକ ମାଧବ ଦାସ ନାରାୟଣପୁର ଗାଁ ଭିତର ଦେଇ ଧଳା ଜହର ନେଇଯାଉଥିବାର ସନ୍ଦେହ ବଢ଼ିଥିଲା। ଜୈନିକ ଯୁବକ ଠାରୁ କିଛି ଛୋଟ ଛୋଟ ପୁଡିଆ, ମାଟି କଲକି, ଗଞ୍ଜେଇ ବାହାରିଥିଲା। ଗ୍ରାମବାସୀ ତାକୁ କାବୁ କରିବା ସହିତ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ମାତ୍ର ବହୁ ବିଳମ୍ବରେ ପୋଲିସ ପହଞ୍ଚି ଯୁବକଙ୍କୁ ଗିରଫ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ତେବେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ବାଲିଆପାଳ ଖଗଡାପାଳ ବସ୍ତିରୁ ସଲିମ ଡାକ ନାମ (ସଲ) ଠାରୁ ନେଇ ବିକ୍ରି କରିଆସୁଛନ୍ତି ବୋଲି ସ୍ପଷ୍ଟ ଭାବେ କେମେରା ଆଗରେ କହିଛନ୍ତି। ତେବେ ଏବିଷୟରେ ବାଲିଆପାଳ ଏସଆଇ ଶୁଭସ୍ମିତା ପାଳ କହିଛନ୍ତି ସେ ପୁଡିଆରେ ଥିବା ପାଉଡର ମାତ୍ରା ଏକ ଗ୍ରାମରୁ କମ ତାଛଡା ତାର ରଙ୍ଗ ପାଉଁଶିଆ ହୋଇଥିବାରୁ ବ୍ରାଉନସୁଗର ସଠିକ ଭାବେ ଜଣାପଡୁନାହି । ଏହାର ତଦନ୍ତ ଜାରି ରହିଛି। ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida